**ତୁରାଙ୍ଗ ଗ୍ରାମ ନିକଟରେ ଆହତ ଦନ୍ତାହାତୀ ଠାବ**

ସମ୍ବଲପୁର,(ବ୍ୟୁରୋ): ରବିବାର ସମ୍ବଲପୁର ବନଖଣ୍ଡର ପଡିଆବାହାଲ ରେଞ୍ଜ ଅଧୀନ ତୁରାଙ୍ଗ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଆଉ ଏକ ଆହତ ଦନ୍ତାହାତୀ ଦେଖିବାକୁ ମିଳିଛି । ତାର ଗୋଡରେ ଗଭୀର ଆଘାତ ଯୋଗୁ ଠିକ ଭାବେ ଚାଲି ପାରୁ ନ ଥିଲା ବୋଲି ବନବିଭାଗକୁ ସୂଚନା ମିଳିଥିଲା । ବନ ବିଭାଗ ଓ ଡାକ୍ତରୀ ଟିମ୍ ପହଞ୍ଚି ଦନ୍ତାକୁ ଖୋଜାଖୋଜି କରିଥିଲେ । ହେଲେ ହାତୀ ଘଟଣାସ୍ଥଳରେ ନ ଥିବାରୁ ଚିକିତ୍ସା ହୋଇ ପାରି ନ ଥିବା ରେଞ୍ଜର ପବିତ୍ର ମୋହନ ମାଝୀ କହିଛନ୍ତି ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଷ୍ଟାର୍ଟଅପ୍ ଫର ରେଲୱେ କାର୍ଯ୍ୟକ୍ରମ, ଡିଆରଏମ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା ।
- ସ୍କାନ ପକ୍ଷରୁ ସମାଜ ଗଠନରେ ସାହିତ୍ୟର ଭୂମିକା ଆଲୋଚନା, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୫ଟା ।
- ମନଦୋଳି ଉଡି ଯା ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୫ଟା ।
- ସମ୍ବଲପୁର ପ୍ରିମିୟର ଫୁଟବଲ ଲିଗ ପ୍ରଥମ ସେମିଫାଇନାଲ , ବୀର ସୁରେନ୍ଦ୍ର ସାଏ, ଷ୍ଟାଡିୟାମ, ସନ୍ଧ୍ୟା ସାଢ଼େ ୫ଟା ।

# ଦିଲୀପଙ୍କ ପ୍ୟାନେଲ ବିଜୟୀ

ରାଉରକେଲା ଅଫିସ,୮।୬

ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ନିର୍ବାଚନ ଶେଷ

- ୧୫ ନିର୍ଦ୍ଦେଶକ ପଦବୀରୁ ୧୩ରେ ବାଜିମାତ୍
- ମତଦାନ ହାର ୨୭ ପ୍ରତିଶତ



ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ନିର୍ବାଚନ ଶାନ୍ତିଶୃଙ୍ଖଳା ସହ ରବିବାର ଶେଷ ହୋଇଛି। ଏହି ନିର୍ବାଚନରେ ୧୫ ନିର୍ଦ୍ଦେଶକ ପଦବୀ ପାଇଁ ୩୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ମତଦାନ ପରେ ଫଳାଫଳ ମଧ୍ୟ ଘୋଷଣା ହୋଇଛି। ପ୍ରଥମରୁ ଦିଲୀପ ମହାପାତ୍ରଙ୍କ ପ୍ୟାନେଲରେ ୱାର୍ଡ ନଂ-୧ରୁ କୃଷ୍ଣ ପଟ୍ଟନାୟକ, ୱାର୍ଡ ନଂ-୭ରେ ଶଙ୍କର ଜେନା ଓ ୱାର୍ଡ ନଂ-୧୫ରେ ସୁଜିତ ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଅନ୍ୟ ୧୨ ନିର୍ଦ୍ଦେଶକ ପଦବୀ ପାଇଁ ୪ଟି କେନ୍ଦ୍ରରେ ୨୪ଟି ବୁଥ୍‌ରେ ସକାଳ ୭ଟାରେ ଭୋଟଦାନ ହୋଇଥିଲା । ଏହି ନିର୍ବାଚନରେ ସମୁଦାୟ ୧୬ ହଜାର ୭୮ ଭୋଟରଙ୍କ ମଧ୍ୟରୁ ମାତ୍ର ୪ ହଜାର ୫୨୮ ଭୋଟର ନିଜର ମତଦାନ କରିଥିଲେ । ଏଥିରେ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ସମର୍ଥନ କରୁଥିବା ମାଠିଆ ଚିହ୍ନକୁ ବିପୁଳ ପରିମାଣର ଭୋଟ ମିଳିଛି। ଏହି ଚିହ୍ନରେ ୧୫ରୁ ୧୩ ଜଣ ବିଜୟୀ ହୋଇଛନ୍ତି।

ୱାର୍ଡ ନଂ-୨ରୁ ରବୀନ୍ଦ୍ର ନାଥ ପଣ୍ଡା ୨୨୬ ଖଣ୍ଡ ଭୋଟ ପାଇଁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରାଜୀବ ପ୍ରତିହାରୀଙ୍କୁ ପରାସ୍ତ କରିଛନ୍ତି । ୱାର୍ଡ ନଂ-୩ରୁ ସର୍ବେଶ୍ୱର ପାତ୍ର ୧୫୯ ଖଣ୍ଡ ଭୋଟ ପାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ତାପସ ପଣ୍ଡାଙ୍କୁ ପରାସ୍ତ କରିଛନ୍ତି। ସେହିପରି ୱାର୍ଡ ନଂ-୫ରେ ସମର ପ୍ରିୟ ତନ୍ତୀ ୧୫୪ ଖଣ୍ଡ ଭୋଟ ପାଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ପ୍ରଦୀପ କୁମାର ବେହେରାଙ୍କୁ ପରାସ୍ତ କରିଛନ୍ତି। ୱାର୍ଡ ନଂ-୬ରେ ବିଜୟ କୁମାର ପ୍ରଧାନ ୧୩୧ ଖଣ୍ଡ ଭୋଟ ପାଇ ପ୍ରତିଦ୍ୱନ୍ଦ୍ୱୀ ରୋହିତ କୁମାର ସାମଲଙ୍କୁ ପରାସ୍ତ କରିଥିବା ବେଳେ ୱାର୍ଡ ନଂ-୯ରୁ ଅନନ୍ତ କୁମାର ଜେନା ୨୩୬ ଖଣ୍ଡ ଭୋଟ ପାଇ ଶରତ କୁମାର ପଲେଇଙ୍କୁ ପରାସ୍ତ କରିଛନ୍ତି। ୱାର୍ଡ ନଂ-୧୦ରେ ସୁସ୍ମିତା ନାୟକ ୨୯୪ ଭୋଟ ପାଇଁ ଭାଗ୍ୟଲକ୍ଷ୍ମୀ ପରିଡାଙ୍କୁ ପରାସ୍ତ କରିଥିବା ବେଳେ ୱାର୍ଡ ନଂ-୧୧ରେ ସନ୍ଧ୍ୟାରାଣୀ ରାଉତ ୩୦୩ ଖଣ୍ଡ ଭୋଟ ପାଇ ସ୍ୱାତୀସ୍ମିତା ମହାନ୍ତଙ୍କୁ ପରାସ୍ତ କରିଛନ୍ତି। ୱାର୍ଡ ନଂ-୧୨ରେ ପୂର୍ଣ୍ଣିମା କେରକେଟ୍ଟା ୨୫୨ ଭୋଟ ପାଇଁ ସିରୋଫିନା ଟୋପ୍ପୋଙ୍କୁ ପରାସ୍ତ କରିଥିବା ବେଳେ ୱାର୍ଡ ନଂ-୧୩ରେ ଦିଲୀପ କୁମାର ମହାପାତ୍ର ୨୮୪ ଖଣ୍ଡ ଭୋଟ ପାଇ ପ୍ରେମାନନ୍ଦ ସାମଲଙ୍କୁ ପରାସ୍ତ କରିଛନ୍ତି। ୱାର୍ଡ ନଂ-୧୪ରେ ରବୀନ୍ଦ୍ର କୁମାର ପ୍ରଧାନ୨୪୮ ଖଣ୍ଡ ଭୋଟ ପାଇଁ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ପ୍ରଦୀପ କୁମାର ପଟ୍ଟନାୟକଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ସେହିପରି ଆଦିତ୍ୟ ମହାପାତ୍ରଙ୍କ ପ୍ୟାନେଲରୁ ମାତ୍ର ୨ ଜଣ ପ୍ରାର୍ଥୀ ୱାର୍ଡ ନଂ-୪ରୁ ଚୌଧୁରୀ ବିଜୟ କୁମାର ପଟ୍ଟନାୟକ ଓ ୱାର୍ଡ ନଂ-୮ରୁ ଅକ୍ଷୟ କୁମାର ରାଉତ ବିଜୟୀ ହୋଇଛନ୍ତି।

ସୂଚନାଯୋଗ୍ୟ, ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ନିର୍ବାଚନ ପାଇଁ ଦୁଇଟି ପ୍ୟାନେଲ ଗଠିତ ହୋଇଥିଲା। ସେଥିମଧ୍ୟରୁ ଦିଲୀପ ମହାପାତ୍ର ପ୍ୟାନେଲକୁ ମାଠିଆ ଓ ଆଦିତ୍ୟ ମହାପାତ୍ର ପ୍ୟାନେଲକୁ ନଡିଆ ଗଛ ଚିହ୍ନ ମିଳିଥିଲା । ନିର୍ବାଚନ ଆରମ୍ଭରୁ ଆଦିତ୍ୟ ମହାପାତ୍ର ପ୍ୟାନେଲର ୩ଟି ପ୍ରାର୍ଥିପତ୍ର ନାକଚ ହୋଇଥିଲା। ସେହିପରି ଦିଲୀପ ମହାପାତ୍ରଙ୍କ ପ୍ୟାନେଲର ୩ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଅନ୍ୟ ୧୨ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଅର୍ବାନ କୋଅପରେଟିଭ ବ୍ୟାଙ୍କର ଅଂଶୀଦାରମାନେ ବ୍ୟାଙ୍କର ସମୃଦ୍ଧି ପାଇଁ ଦିଲୀପଙ୍କ ପ୍ୟାନେଲକୁ ବିଜୟୀ କରାଇଛନ୍ତି ବୋଲି ବ୍ୟାଙ୍କର ପୂର୍ବତନ ସଭାପତି ରାଜେଶ ମହାପାତ୍ର କହିଛନ୍ତି।

## ବିପର୍ଯ୍ୟୟ ଏଡାଇବାକୁ ସମ୍ବଲପୁରରେ ମକ୍‌ଡ୍ରିଲ

ସମ୍ବଲପୁର,୧୯।୬(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରତି ବ୍ଲକ ସ୍ତରରେ ଓ ବିଭିନ୍ନ ଅନୁଷ୍ଠାନଗୁଡିକୁ ନେଇ ମକ୍‌ଡ୍ରିଲ କରାଯାଇଛି । ଏହିକ୍ରମରେ ରବିବାର ମଣ୍ଡଳିଆଠାରେ ଥିବା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଠାରେ ସ୍ୱତନ୍ତ୍ର ଭାବରେ ମକ୍‌ଡ୍ରିଲ କରାଯାଇଥିଲା । ଏଥିରେ ସମ୍ବଲପୁର ଅଗ୍ନିଶମ କାର୍ଯ୍ୟାଳୟର ଟିମ୍‌ଙ୍କ ସହ ସ୍ଥାନୀୟ ସାମାଜିକ କର୍ମୀ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବିଶେଷ କରି ସମ୍ବଲପୁର ସହରଠାରେ ବର୍ଷା ସମୟରେ ଜଳ ନିଷ୍କାସନ ସମସ୍ୟା ଯୋଗୁ ବିଗତ ଦିନରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଧନ ଜୀବନ ବିପଦରେ ପଡି ଯାଇଥାଏ । ତେଣୁ ଚଳିତବର୍ଷ ବର୍ଷା ଋତୁ ପ୍ରାରମ୍ଭରୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ସମ୍ବଲପୁରଠାରେ ଯେପରି କୌଣସି ଧନଜୀବନ କ୍ଷୟକ୍ଷତି ନ ହୁଏ , ସେଥିପାଇଁ ସ୍ୱତନ୍ତ୍ର ମକ୍‌ଡ୍ରିଲ ମାଧ୍ୟମରେ ସମାଜିକ କର୍ମୀମାନଙ୍କୁ ସଚେତନ କରାଯାଇଥିଲା ।

## ସଂକ୍ଷେପରେ

### କୂଅକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୧୯।୬

ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅଧୀନ ଡିଲକ୍ସ ଗଳି ଅଞ୍ଚଳର ଜଣେ ଯୁବକ କୂଅକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ବିଶାଲ ସୋନକର(୨୦)। ରବିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୦।୨୨) ରୁଜୁ ହୋଇଛି। ଡେଲି ମାର୍କେଟ ଡିଲକ୍ସ ଗଳିର ବିଶାଲ ରାଉରକେଲା ଟ୍ରାଫିକ୍ ଗେଟରେ ଫଳ ଦୋକାନ କରିଛନ୍ତି। ଶନିବାର ରାତିରେ କୌଣସି କଥାକୁ ନେଇ ତାଙ୍କ ପରିବାରରେ ପାଟିତୁଣ୍ଡ ହୋଇଥିଲା। ସମସ୍ତେ ଶୋଇପଡିବା ପରେ ବିଶାଲ ବିଳମ୍ବିତ ରାତିରେ ଘର ପାଖରେ ଥିବା ଏକ କୂଅକୁ ଡେଇଁ ପଡିଥିଲେ। ରବିବାର ସକାଳେ ସ୍ଥାନୀୟ ଲୋକେ ପାଣି ପାଇଁ କୂଅକୁ ଯାଇଥିବା ବେଳେ ମଅତଦେହ ଭାସୁଥିବା ଦେଖିବାକୁ ପାଇଥିଲେ ଏବଂ ପୋଲିସକୁ ଖବର ଦେଇଥିଲେ।

### ବ୍ୟବସାୟୀଙ୍କୁ ଧମକ, ଥାନାରେ ଅଭିଯୋଗ

ରାଉରକେଲା ଅଫିସ,୧୯।୬

ପ୍ଲାଣ୍ଟସାଇଟ ଅଞ୍ଚଳରେ ଜଣେ ଆଳୁ ବ୍ୟବସାୟୀଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ଦିଆଯାଇଥିବା ପ୍ଲାଣ୍ଟସାଇଟ ଥାନାରେ ରବିବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୨୧୨।୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ଡେଲିମାର୍କେଟ ଅଞ୍ଚଳର ଅମନ ପ୍ରସାଦଙ୍କ ପ୍ଲାଣ୍ଟସାଇଟ୍ ରୋଡରେ ଏକ ଆଳୁ ହୋଲସେଲ୍ ଦୋକାନ ରହିଛି। ସେ ଶନିବାର ରାତି ସାଢେ ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ନେଇ ଅମନ ଥାନାରେ ଅଭିଯୋଗ କରିଥିଲେ।

### ସ୍କ୍ରାପ୍ ଚୋରି ଅଭିଯୋଗ, ଯୁବକ ଗିରଫ

ରାଉରକେଲା ଅଫିସ,୧୯।୬

ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଭିତରୁ ସ୍କ୍ରାପ୍ ଚୋରି ଅଭିଯୋଗରେ ଟାଙ୍ଗରପାଲି ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଶ୍ୱଜିତ ପ୍ରଧାନ(୨୩) । ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୧।୨୨) ରୁଜୁ କରିଛି। ସୂଚନା ଅନୁସାରେ, ଟାଙ୍ଗରପାଲି ଲେବର କଲୋନୀର ବିଶ୍ୱଜିତ ଶନିବାର ବିଳମ୍ବିତ ରାତିରେ ଆର୍‌ଏସ୍‌ପି କାରଖାନା ଭିତରକୁ ପଶି ଷ୍ଟକ୍ ୟାର୍ଡରୁ ୨୦ କେ.ଜି ସ୍କ୍ରାପ୍ ଚୋରି କରୁଥିଲେ। ଏହି ସମୟରେ ସିଆଇଏସ୍‌ଏଫ୍ ଯବାନ ତାଙ୍କୁ କାବୁ କରି ନେଇ ଟାଙ୍ଗରପାଲି ଥାନା ଜିମା ଦେଇଥିଲେ।

# ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

ସମ୍ବଲପୁର,୧୯।୬(ବ୍ୟୁରୋ)



ରବିବାର ସମ୍ବଲପୁର ଜିଲା ସନ୍ତରଣ ସଂଘ ପକ୍ଷରୁ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

- ସମ୍ବଲପୁରକୁ ୨୨ସ୍ୱର୍ଣ୍ଣ, ୩୨ରୌପ୍ୟ, ୩୦ କାଂସ୍ୟ ପଦକ
- ବିଜେତାଙ୍କୁ ଜିଲା ସନ୍ତରଣ ସଂଘର ସମ୍ବର୍ଦ୍ଧନା

ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ସମ୍ବଲପୁର ଜିଲା ସଫଳତା ହାସଲ କରିଛି । ବିଭିନ୍ନ ଇଭେଣ୍ଟରେ ଭାଗ ନେଇ ସନ୍ତରଣବିତ୍‌ମାନେ ୯୩ ଟି ପଦକ ହାସଲ କରି ସମ୍ବଲପୁରକୁ ଗୌରାବାନ୍ୱିତ କରିଛନ୍ତି । ଏଥିରେ ୨୨ସ୍ୱର୍ଣ୍ଣ, ୩୨ ରୌପ୍ୟ, ୩୦ଟି କାଂସ୍ୟ ପଦକ ରହିଛି । ଏଥିସହ ରିଲେ ପ୍ରତିଯୋଗିତାରେ ମଧ୍ୟ ୯ଟି ପଦକ ପାଇଛନ୍ତି । ରବିବାର ସନ୍ଧ୍ୟାରେ ସମ୍ବଲପୁର ଜିଲା ସନ୍ତରଣ ସଂଘ ପକ୍ଷରୁ ଡା.ଝସକେତନ ସାହୁ ସନ୍ତରଣାଗାରଠାରେ ସମ୍ବର୍ଦ୍ଧନା ଉତ୍ସବ ହୋଇଥିଲା । ସଭାପତି ଅକ୍ଷୟ କୁମାର ପ୍ରଧାନ ସଭାପତିତ୍ୱ ଓ ସାଧାରଣ ସଂପାଦକ ସାଲେଗ୍ରାମ ଖୁଣ୍ଟିଆ ପରିଚାଳନା କରିଥିଲେ । ବ୍ୟକ୍ତିଗତ ଚାମ୍ପିୟନ ହୋଇଥିବା ଅର୍ପିତା ସେଟ ଓ ହିତେଶ ମହାରଣାଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ । ଏଥିସହ ପଦକ ବିଜେତାଙ୍କୁ ମଧ୍ୟ ପୁଷ୍ପଗଚ୍ଛ ନେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ସନ୍ତରଣ କୋଚ ସୁରେନ୍ଦ୍ର ନାଏକ, ରଙ୍କନିଧି ସେଠ, ଆଶୁତୋଷ ନାଏକ, ଲକ୍ଷ୍ମୀଚନ୍ଦ୍ର ମହାକୁର ଓ ଦେବାଶିଷ ବନଛୋରଙ୍କୁ ମଧ୍ୟ ଅଭିନନ୍ଦନ ଜଣାଯାଇଥିଲା । ପୂର୍ବତନ ନଗରପାଳ ସଂଗ୍ରାମ କେଶରୀ ସାହାଣୀ ମୁଖ୍ୟଅତିଥି, ମନୋରଞ୍ଜନ ପାଢ଼ୀ, ଜିଲା କ୍ରୀଡା ସଂଘ ଉପସଭାପତି ମହମ୍ମଦ ସାବୀର ଅହମ୍ମଦ, କାଉନସିଲ ସଭ୍ୟ ସୁବୋଧ ସାହୁ ଓ ମହମ୍ମଦ ଇସାଦ ସମ୍ମାନିତ ଅତିଥି ଥିଲେ । ସଂଘ ଉପସଭାପତି ଡ.ବିଜୟ କୁମାର ପ୍ରଧାନ, କାଉନସିଲ ସଭ୍ୟ ରଞ୍ଜିତ ପୁରୋହିତ, ମନୋଜ ବନଛୋର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ମଇ ମାସ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୬୨ତମ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହୋଇଥିଲା ।

## ସାପ୍ତାହିକ ହାଟରେ ଗଣ୍ଡଗୋଳ: ତିନି ଗିରଫ

ଲହୁଣୀପଡ଼ା,୧୯।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଗମଲେଇ ଶନିବାର ସାପ୍ତାହିକ ହାଟ ଭିତରେ ବନ୍ଧୁକ ଦେଖାଇ ଡକାୟତି କରୁଥିବା ଅଭିଯୋଗରେ ପୋଲିସ ତିନିଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ଗୋଟିଏ ପିସ୍ତଲ, ଛଅଟି ଜୀବନ୍ତ ଗୁଳି, ଗୋଟିଏ ଖୋଖା, ଚାରୋଟି ମୋବାଇଲ, ନଗଦ ଛଅ ହଜାର ଟଙ୍କା, ଗୋଟାଏ ସ୍କର୍ପିଓ ଗାଡି ଜବତ କରିଥିବା ଜଣାପଡ଼ିଛି।

ସୂଚନାରୁ ପ୍ରକାଶ ଯେ, ଲହୁଣୀପଡ଼ାର ମହମ୍ମଦ ତାଲିବ ୧୧ ତାରିଖ ବାଇକ୍ ଯୋଗେ ଶନିବାର ସାପ୍ତାହିକ ହାଟ ଗମଲେଇକୁ ଯାଇଥିବାବେଳେ ବିଶ୍ରା ଅଞ୍ଚଳର କିଛି ଯୁବକ ଉକ୍ତ ହାଟକୁ ଆସିଥିଲେ। ହାଟରେ ବିଶ୍ରା ଅଞ୍ଚଳର ଯୁବକଙ୍କର ବାଇକ ସହିତ ମହମ୍ମଦ ତାଲିବଙ୍କ ବାଇକ ଧକ୍କା ଦେଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡା ହୋଇଥିଲା। କିନ୍ତୁ ସେ ଝଗଡା ସେତିକିରେ ସୀମିତ ନ ରହି ଶନିବାର ଗମଲେଇ ସାପ୍ତାହିକ ହାଟରେ ଉଗ୍ର ରୂପ ନେଇଥିଲା। ବିଶ୍ରା ଥାନା ଅନ୍ତର୍ଗତ ଗୁଡୁଗୁଡ଼ଜୋର ଗ୍ରାମର ମଜମିଲ ଆନସାରି (୨୭), ମହମ୍ମଦ ଆନାସାରି (୨୬), ବିଶ୍ରା ବ୍ଲକ ରୋଡ଼ର ସାହିଲ ଖାନ(ସାନୁ)(୨୫)ଏକ ସ୍କର୍ପିଓ ଓଆର-୨୩ଡ଼ି-୯୬୩୬ ଯୋଗେ ଆସି ମହମ୍ମଦ ତାଲିବଙ୍କୁ ଖୋଜାଖୋଜି କରିବା ସହିତ ତାଙ୍କୁ ପିସ୍ତଲ ଦେଖାଇ ଭୟଭୀତ କରି ୭୧୫୦ ଟଙ୍କା ଲୁଟି ନେଇଥିଲେ। କିଛି ଲୋକ ଜାଣିପାରି ପାଟିତୁଣ୍ଡ କରିବା ସହି ତାଙ୍କୁ ଘେରାଉ କରି ରଖି ଲହୁଣୀପଡା ପୋଲିସକୁ ଖବର ଦେଇଥିଲେ। ଖବରପାଇ ଲହୁଣୀପଡା ଥାନା ଅଧିକାରୀ ବିଜୟ ବିହାରୀ ପୋଲିସ ବାହିନୀ ସହିତ ଗମଲେଇ ହାଟରେ ପହଞ୍ଚି ତନାଘନା କରିବା ସହିତ ଉପରୋକ୍ତ ତିନିଜଣଙ୍କ ଠାରୁ ଉକ୍ତ ଜିନିଷ ଜବତ କରିବା ସହିତ ତିନିଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ସମଲେଇ ଯୋଜନା ବିସ୍ଥାପିତଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ



ରବିବାର ବିସ୍ଥାପିତଙ୍କୁ ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସ୍ଥାୟୀ ପଟ୍ଟା ପ୍ରଦାନ କରୁଛନ୍ତି ।

ସମ୍ବଲପୁର,୧୯।୬(ବ୍ୟୁରୋ)

ସମଲେଇ ଯୋଜନାର ବିସ୍ଥାପିତଙ୍କୁ ରବିବାର ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ସମ୍ବଲପୁର ଜିଲାପାଳ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଜିଲାପାଳ ଦେବଜ୍ୟୋତି ପରିଡା ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୧୫ ଜଣଙ୍କୁ ପଟ୍ଟା ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ଅନ୍ୟମାନଙ୍କୁ ଦିଆଯିବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଦର ତହସିଲଦାର ଲକ୍ଷ୍ମଣ ଅମାତ, ଏସଡିଏ ସେକ୍ରେଟାରୀ ପ୍ରଭାତ ତନସନା ଉପସ୍ଥିତ ଥିଲେ । ଜିଲା ଭୂଅର୍ଜ୍ଜନ ଅଧିକାରୀ ଅଦିତ୍ୟ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କୁଚିଣ୍ଡାରେ ଭୀମ ଭୋଇ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର



ଶିବିରରେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

କୁଚିଣ୍ଡା,୧୯।୬(ଡି.ଏନ.ଏ.)

କୁଚିଣ୍ଡାର ନ୍ୟୁ କଲ୍ୟାଣମଣ୍ଡପଠାରେ ଶନିବାର ଉପଖଣ୍ଡ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପଖଣ୍ଡର କୁଚିଣ୍ଡା, ବାମରା, ଜମନକିରା ବ୍ଲକ ଓ କୁଚିଣ୍ଡା ଏନଏସି ଅଞ୍ଚଳର ମୋଟ ୩୬୬ଜଣ ଭିନ୍ନକ୍ଷମ ରୋଗୀଙ୍କ ନାମ ପଞ୍ଜୀକରଣ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିରେ ୨୨ଜଣ ଦୃଷ୍ଟି ବାଧିତ, ୩୨ଜଣ ମାନସିକ, ୧୫ଜଣ ଶ୍ରବଣ ବାଧିତ, ୧୨ଜଣ ଶାରିରୀକ ବିକଳାଙ୍ଗ ଓ ୧୨ଜଣ ରକ୍ତ ହୀନତା ରୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପାଇଁ ସାର୍ଟିଫିକେଟ ଦେବାର ବ୍ୟବସ୍ଥା ହୋଇଥିବା ଜଣାଯାଇଛି । ସେହିପରି ୮୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟକୁ ପୁନଃ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ରେଫର କରାଯାଇଥିବା ସୂଚନା ମିଳିଛି। ଶିବିରରେ ଡା. ଓମ ପ୍ରକାଶ ସିଂ, ଡା. ସୀମା ରାୟ, ଡା. ସୁକାନ୍ତ ପାଣିଗ୍ରାହୀ, ଡା.ପୃଷ୍ଟିକା ବହିଦାର, ଡା. ଗଙ୍ଗାଧର ପଣ୍ଡା, ଡା. ଗୋପାଳକୃଷ୍ଣ ହେମ୍ବ୍ରମ ପ୍ରମୁଖ ଡାକ୍ତରୀ ଟିମ୍ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କୁଚିଣ୍ଡା ବିଏସଏସଓ ଉତ୍ପୁତି ଭୋଇ,ପିଇଓ ଦୀପକ ପଟେଲଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ଜିଲା କ୍ରୀଡ଼ା ସଂଘ ଆୟବ୍ୟୟର ତଥ୍ୟ ରଖିଲା




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଜିଲା କ୍ରୀଡା ସଂଘର କର୍ମକର୍ତ୍ତାମାନେ ।

ଝାରସୁଗୁଡା ଅଫିସ,୧୯।୬

ଝାରସୁଗୁଡା ଜିଲା କ୍ରୀଡା ସଂଘ (ଡିଏଏ)ତରଫରୁ ସହର ମୁଖ୍ୟମାର୍ଗର ଏକ ହୋଟେଲ୍‌ରେ ରବିବାର ସଂଘ ଉପସଭାପତି ବ୍ରିଜେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର ସାଙ୍ଗଠନିକ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିମଧ୍ୟରେ ଗତ ୨୦୧୭ମସିହାରୁ ଅଦ୍ୟାବଧି ଖର୍ଚ୍ଚ ହୋଇଥିବା ସରକାରୀ ଅନୁଦାନ ସହିତ ସଂଘ କଣ ସବୁ କାର୍ଯ୍ୟ କରିଛି ଏସମ୍ପର୍କରେ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ ବିସ୍ତୃତଭାବେ ତଥ୍ୟ ପ୍ରଦାନ କରିଥିଲେ। ଏଥିମଧ୍ୟରେ ଜର୍ମିକିଶା, ରାଜ୍ୟସ୍ତରୀୟ ମହିଳା ଟୁର୍ନାମେଣ୍ଟ, କବାଡି ଟୁର୍ନାମେଣ୍ଟ ଆଦି ରହିଛି। ଏଥିରେ କାମ୍ପା ବେହେରା, ମାନସ ଆଚାର୍ଯ୍ୟ, ମନୋଜ ଦାସ, ସୁଜିତ କୁଜୁର, ସନ୍ଦିପ ଅବସ୍ଥୀ, ପ୍ରଜ୍ୱଳ ପଟେଲ, ବିଜୟ ବେହେରା, ଗଣେଶ ନାୟକ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ପିକ୍‌ଅପ୍ ଭ୍ୟାନ ଧକ୍କାରେ ମାଈହାତୀ ଗୁରୁତର

ଜମନକିରା/ଦେବଗଡ଼
୧୯।୬(ଡି.ଏନ.ଏ.)



ରବିବାର ପୂର୍ବାହ୍ନରେ ରାସ୍ତା ନିର୍ମାଣକାରୀ ସଂସ୍ଥାର ପିକ୍‌ଅପ୍ ଭ୍ୟାନ ଧକ୍କାରେ ଏକ ମାଈ ହାତୀ ଗୁରୁତର ହୋଇଛି । ହାତୀ ଦେବଗଡ଼ ବନଖଣ୍ଡ ସୀମାରେ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ବାମରା ବନ୍ୟପ୍ରାଣୀ ଡିଭିଜନ ଜମନକିରା ସେକ୍ସନ ଟିକଲିପଡା ବିଟ ଅନ୍ତର୍ଗତ ବଳଦିଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ରହିଛି। ଜମନକିରା ବନ କର୍ମଚାରୀମାନେ ଜଗି ରହିଛନ୍ତି। ପ୍ରକାଶ ଯେ, ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଭୋଜପୁର ବନାଞ୍ଚଳ ସୀମାନ୍ତବର୍ତ୍ତୀ ବଂଜାରି ଗ୍ରାମ ନିକଟ ୪୯ନମ୍ବର ଜାତୀୟ ରାଜପଥରେ ରାସ୍ତା ପାରି ହେଉଥିବା ୨୩ ଟିକିଆ ହାତୀପଲରୁ ଗୋଟିଏ ମାଈ ହାତୀକୁ ପିକଅପ୍ ଭ୍ୟାନ ଧକ୍କା ଦେଇଥିଲା । ଫଳରେ ହାତୀ ତଳେ ପଡି ଯାଇଥିବା ଦେଖିବାକୁ ମିଳିଛି । ଏହି ଦୁର୍ଘଟଣା ଘଟାଇଥିବା ପିକ୍‌ଅପ ଭ୍ୟାନ (ସିଜି ୧୨ଏଆର ୪୦୫୮)କୁ ବନବିଭାଗ ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି । ଭ୍ୟାନଟି ଜମନକିରା ଠାରେ କ୍ୟାମ୍ପ କରି ରହିଥିବା ଏକ ରାସ୍ତା ନିର୍ମାଣକାରୀ ସଂସ୍ଥା( ପୁଞ୍ଜଲୟେଡ଼ (ଡିଭି) କନଷ୍ଟ୍ରକସନ )ର ବୋଲି ଜଣାପଡିଛି। ଆହତ ହାତୀକୁ ଚିକିତ୍ସା ପାଇଁ ରାଉରକେଲାରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ବଳଦିଆ ଗ୍ରାମ ଅଭିମୁଖେ ବାହାରିଛନ୍ତି । ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧନାଜୀ ରାଓସୋ ଏବଂ ବାମରା ଡିଏଫଓ ଫାଲଗୁନି ସାରଥୀ ମଲ୍ଲିକ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ୨ ବର୍ଷ ପରେ ଆରମ୍ଭ ହେବ ୫୫ ନଂ ଏନ୍‌ଏଚ୍ କାମ

ସମ୍ବଲପୁର,୧୯।୬(ବ୍ୟୁରୋ)




ସମ୍ବଲପୁର- ଅନୁଗୋଳ ୫୫ନଂ ଜାତୀୟ ରାଜପଥ ନିର୍ମାଣ କାମ ଶୀଘ୍ର ଆରମ୍ଭ ହୋଇଯିବ । ଏନେଇ ନୂତନ ଠିକା ସଂସ୍ଥା ପ୍ରକଳ୍ପ କାମ ହାତକୁ ନେଇଛି । ଅଗ୍ରୱାଲ ଇନଫ୍ରା ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥା ଗାୟତ୍ରୀ ସହ ସବ୍‌କଣ୍ଟ୍ରାକ୍ଟର ଭାବେ ଚୁକ୍ତି କରିଛି । ଏନଏଚଆଇ ଓ ପୂର୍ବରୁ କାମ ପାଇଥିବା ଗାୟତ୍ରୀ କନ୍‌ଷ୍ଟ୍ରକସନ ମିଳିତ ଭାବେ ପ୍ରୟାସ କରି ଏହି ସଂସ୍ଥାକୁ ନିୟୋଜିତ କରିଛନ୍ତି । ନୂତନ ସବ୍‌କଣ୍ଟ୍ରାକ୍ଟର, ରାସ୍ତା ନିର୍ମାଣ ସାମଗ୍ରୀ ଓ କର୍ମଚାରୀ ଆସି ପହଞ୍ଚି ସାରିଛନ୍ତି । ଗାୟତ୍ରୀ କମ୍ପାନୀ ଅଫିସ କୋଠା ଓ ଅନ୍ୟ ଆନୁସଙ୍ଗିକ ସହଯୋଗ ମଧ୍ୟ କରିବ । ଏବେ ପ୍ରାୟ ୪୦ ପ୍ରତିଶତ କାମ ଶେଷ ହୋଇଛି । ବକେୟା ୬୦ ପ୍ରତିଶତ କାମ ନୂତନ ଠିକା ସଂସ୍ଥା କରିବ ବୋଲି ଜଣାପଡିଛି । ଅନୁମାନିକ ଭାବେ ୬୯୦ କୋଟି ଟଙ୍କା କାମ କରିବ । ପ୍ରାୟ ୩ ବର୍ଷ ହେବ ଏହି ପ୍ରକଳ୍ପ କାମ ଅଧା ଅପନ୍ତରିଆ ଭାବେ ପଡି ରହିଥିଲା । ଏହାକୁ ନେଇ ବାରମ୍ବାର ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏନଏଚଆଇ ପକ୍ଷରୁ ମଧ୍ୟ ଠିକା ସଂସ୍ଥା ଗାୟତ୍ରୀ ଉପରେ ଚାପ ପକାଯାଇଥିଲା । ହେଲେ କମ୍ପାନୀ ଏହି ପ୍ରକଳ୍ପରେ କ୍ଷତି ଦେଖାଇ କାମ କରୁ ନ ଥିଲା । ଶେଷରେ ନୂତନ ଠିକା ସଂସ୍ଥାକୁ ନିଯୁକ୍ତି କରାଯାଇଛି । ଏ ସମ୍ପର୍କରେ ଏନଏଚଆଇ ପିଡି ନାଗେଶ୍ୱର ରାଓଙ୍କୁ ପଚାରିବାରେ ସବ୍ କଣ୍ଟ୍ରାକ୍ଟର ଭାବେ ଠିକା ସଂସ୍ଥା କାମ ଆରମ୍ଭ କରିବ। ସମସ୍ତ ଚୁକ୍ତି ହୋଇଯାଇଛି। ପ୍ରଥମେ ମରାମତି କାମ କରାଯିବ । ପରେ ଗୋଟିଏ ପାର୍ଶ୍ୱ ରାସ୍ତାକୁ ସମ୍ପୂର୍ଣ୍ଣ କରାଯିବ । ସୁବିଧାରେ ଗମନାଗମନ ପାଇଁ ଗୋଟିଏ ପାର୍ଶ୍ୱ ରାସ୍ତା ଖୋଲି ଦିଆଯିବ । ବର୍ଷା ସମୟ ଯିବା ପରେ ଦ୍ରୁତ ଗତିରେ କାମ କରାଯାଇ ଶେଷ କରାଯିବ । ହାତୀ ଚଳାପଥ ଓ ଫୁଟପାଥ କାମ ମଧ୍ୟ ହେବ । ଏବେ ପ୍ରାୟ ୧୫୫ କିମି ରାସ୍ତାରୁ ୧୦୨ କିମି ରାସ୍ତା ଗୋଟିଏ ପାର୍ଶ୍ୱରେ ( ଦୁଇଥାକିଆ) ଶେଷ ହୋଇଛି । ବାକି କାମ ଶୀଘ୍ର କରାଯିବ ବୋଲି କହିଥିଲେ । ସୂଚନାଯୋଗ୍ୟ, ସମ୍ବଲପୁର-ଅନୁଗୋଳ ଜାତୀୟ ରଜପଥ ନିର୍ମାଣ କାମ ୨୦୧୫ ମସିହାରେ ଆରମ୍ଭ ହୋଇଥିଲା । ପ୍ରାୟ

### ସବ୍‌କଣ୍ଟ୍ରାକ୍ଟରଙ୍କ ସହ ଚୁକ୍ତି କଲା ଗାୟତ୍ରୀ

୧୮ ଶହ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିବା ବେଳେ ଗାୟତ୍ରୀ କନଷ୍ଟ୍ରକସନ ଲେସରେ କାମ କରିବାକୁ ଟେଣ୍ଡର ପାଇଥିଲା । ୨୦୧୮ ମସିହାରେ ଶେଷ ହେବାର ସମୟ ଧାର୍ଯ୍ୟ ରହିଥିଲା । ହେଲେ ସମୟ ସୀମା ଶେଷ ହୋଇ ୪ ବର୍ଷ ବିତିଗଲା ପରେ ମଧ୍ୟ କାମ ଅଧାଅପନ୍ତରିଆ ପଡି ରହିଛି । ଜମି ଅଧିଗ୍ରହଣ ଓ ଜଙ୍ଗଲ ବିଭାଗରୁ ଅନୁମତି ନ ମିଳିବା ଯୋଗୁ ସାମାନ୍ୟ ସମସ୍ୟା ହୋଇଥିଲା । ଅନୁମତି ପାଇବା ପରେ ମଧ୍ୟ କମ୍ପାନୀ କାମ ଆରମ୍ଭ କଲା ନାହିଁ। ଏକ ପ୍ରକାର ଦେବାଳିଆ ପରିସ୍ଥିତି ସୃଷ୍ଟି କରି ପ୍ରକଳ୍ପରୁ ଦୂରେଇ ଯାଇଥିଲା । ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା ।

**ପଠନ ଦିବସ ପାଳନ**

ଖଡ଼ିଆଲ,(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଠନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ ନବୀନ କିଶୋର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଠନର ଗୁରୁତ୍ୱ ଓ ଉପାଦେୟତା ସମ୍ପର୍କରେ ବୁଝାଇଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଚ୍ଛେଦ ପଠନ, ପ୍ରବନ୍ଧ ଲିଖନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ, ଯୁବକ ଗିରଫ

ଟିଟିଲାଗଡ,୧୯।୬(ଡି.ଏନ.ଏ.): ଟିଟିଲାଗଡର ଜଣେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ସ୍ଥାନୀୟ ପୋଲିସ ସହରର ୱାର୍ଡ ନଂ ୧୧ର ପ୍ରହଲ୍ଲାଦ ମାଝି ଓରଫ ସୁରୁଙ୍କୁ ଗିରଫ କରିଛି। ଯୁବତୀଙ୍କ ପରିବାର ସଦସ୍ୟଙ୍କ ଲିଖିତ ଅଭିଯୋଗ ପରେ ଟିଟିଲାଗଡ ପୋଲିସ ଆଇପିସି ଧାରା ୪୧୭, ୪୯୩, ୨୯୨, ୨୯୪, ୫୦୬ ଏବଂ ଆଇଟି ଆକ୍ଟ ୬୭ରେ ଏକ ମାମଲା (୧୭୮/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇ ଥିବା ନେଇ ଥାନା ଅଧିକାରୀ ରଞ୍ଜନକୁମାର ବରିହା ସୂଚନା ଦେଇଛନ୍ତି।

### ଟ୍ରାକ୍ଟରକୁ ପଛରୁ ପିଟିଲା ମାଲ ବୋଝେଇ ଟ୍ରକ୍: ୨ମୃତ

ନୂଆପଡ଼ା ଅଫିସ/ଖଡ଼ିଆଲ, ୧୯।୬(ଡି.ଏନ.ଏ.): ନୂଆପଡା ଜିଲା ସଦର ବ୍ଲକ ୩୫୩ ଜାତୀୟ ରାଜପଥ କୁରୁମପୁରୀଠାରେ ରବିବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଟ୍ରାକ୍ଟରକୁ ପଛରୁ ଏକ ମାଲ ବୋଝେଇ ଟ୍ରକ୍ ପିଟିବାରୁ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଗୁରୁତର ହୋଇଛନ୍ତି। ମୃତକ ହେଲେ ଧୁମାଭଟା ଗ୍ରାମର କାଳସିଂ ନିଆଲ ଓ ପଣ୍ଡରାପଥର ଗ୍ରାମର ଭାଗୀରଥି ସତନାମି। ନୂଆପଡା ଖରଖରା ନାଳାରୁ କାମସାରି ଟ୍ରାକ୍ଟର ଫେରୁଥିବା ବେଳେ ରାୟପୁରରୁ ମାଲ ବୋଝେଇ ଆସୁଥିବା ଟ୍ରକ୍ ଭାରସାମ୍ୟା ହରାଇ କୁରୁମପୁରୀଠାରେ ଟ୍ରାକ୍ଟରକୁ ପଛପଟୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲଖନା ପୋଲିସ ଓ ନୂଆପଡା ଅଗ୍ନିଶମ ବିଭାଗ ପହଞ୍ଚି ଉଦ୍ଧାର କରିଥିଲେ। ଜଣକ ଛାତିରେ ପାଇପ ପସି ଯାଇଥିବା ବେଳେ ପାଇପ କାଟି ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଜଣଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ବୁର୍ଲା ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବାଲି ଚୋରା ଚାଲାଣ, ଏକ ଲକ୍ଷ ଟଙ୍କା ଜରିମାନା

ଖଡ଼ିଆଲ,୧୯।୬(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଲ ବ୍ଲକ ରିଷଗାଁ ନଦୀ ଘାଟଠାରେ ବାଲି ଚୋରା ଚାଲାଣ ଅଭିଯୋଗରେ ସ୍ଥାନୀୟ ତହସିଲ ଏକ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହି ବାଲି ଖଡ଼ିଆଲ ସହର ମଧ୍ୟରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ପାଇଁ ଆସୁଥିଲା। କିନ୍ତୁ ଯେଉଁ ସ୍ଥାନରୁ ବାଲି ଆଣିବାକୁ ସ୍ୱୀକୃତି ମିଳିଛି, ସେହି ସ୍ଥାନରୁ ବାଲି ଉଠାଣ ନ କରି ଅନ୍ୟ ସ୍ଥାନରୁ ବାଲି ଉଠାଉ ଥିବା ଜଣାପଡିଛି। ଚାନ୍ଦଗିରି ଘାଟରୁ ବାଲି ଉଠାଣ ପାଇଁ ସ୍ୱୀକୃତି ଥିବା ବେଳେ ରିଷଗାଁ ନଦୀଘାଟରୁ ଉଠାଉଥିବା ୨ଟି ହାଓ୍ୱାବାକୁ ଏକ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଉଛି। ଖଡ଼ିଆଲ ଅତିରିକ୍ତ ତହସିଲଦାର ଭୁପେନ୍ଦ୍ର ସିଂ, ତୁକୁଲା ଆରଆଇ ଦିଲୀପ ମାଝି, ଦେବରାଜ ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ ଭେକଲାଲ ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ।

### ଶିବିରରେ ୭୨୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ବେହେରା,୧୯।୬(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ଅଞ୍ଚଳର ବେହେରା ଗ୍ରାମରେ ରବିବାର ଏକ ମାଗଣା ବିରାଟ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଜି.ଏମ.ପବ୍ଲିକ ସ୍କୁଲ ପରିସରରେ ଡ.ଜବାହାର ଅଗ୍ରୱାଲଙ୍କ ଲାଇଫ ୱାର୍ଥ ହସ୍ପିଟାଲ ରାୟପୁର ପ୍ରତିଷ୍ଠାନ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଡ.ଜବାହାର ଅଗ୍ରୱାଲ (ମଧୁମେହ ଓ ହୃଦରୋଗ ବିଶେଷଜ୍ଞ), ଡ.ସୁମିତ୍ରାଦୁବେ (ଅସ୍ତ୍ରୋପଚାର), ଡ. ସନ୍ତୋଷ କୁମାର (ଅର୍ଥୋପେଡିକ), ଡ.ଅଞ୍ଜନା ମୋଦୀ(ସ୍ତ୍ରୀରୋଗ ବିଶେଷଜ୍ଞ), ଡ.ଅଜୟ କଶ୍ୟପ (ଜେନେରାଲ ଫିଜିସିଆନ ପ୍ରମୁଖ ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ମାଗଣାରେ ରୋଗୀ ପରାମର୍ଶ କରିଥିଲେ। ଶିବିରରେ ମୋଟ ୭୨୦ଜଣ ରୋଗୀଙ୍କୁ ନିଃଶୁଳ୍କ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ଶିବିର ସହଆୟୋଜକ ତୁଳସିରାମ ଅଗ୍ରୱାଲ, ପବନ ଅଗ୍ରୱାଲ ଉପସ୍ଥିତ ଥିବା ବେଳେ ସଜିବ ଅପ୍ପୁ, ରୁପେନ୍ଦ୍ର ସୁନାନୀ, ଇନ୍ଦ୍ରଜୀତ ନାଏକ, ତୁଲାରାମ ଗୋପାଲ, ମଙ୍ଗଲୁ ପୂଝାରୀ, ସଙ୍ଗୀତା ବିଶି, ମାଧୁରୀ, ବାସମତୀ, ପଦ୍ମ, ବିପିନ, ଉମେଶ, ମୁନା ପ୍ରମୁଖ ସହଯୋଗ କରିଥିଲେ।

# ୬ ବର୍ଷ ବିତିଲା, କାମ ସରିଲାନି

- ବାଦିପଡ଼ାଠାରେ ଲାନ୍ତନଦୀରେ ପୋଲ ନିର୍ମାଣ
- ନୂତନ ଠିକାଦାର ନିଯୁକ୍ତ ପରେ ବି ଆରମ୍ଭ ହେଉନି କାମ
- ଅଞ୍ଚଳବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ


ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ସେତୁ।

ସଇଁତଲା,୧୯।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ବାଦିପଡ଼ାଠାରେ ବିଜୁ ସେତୁ ଯୋଜନାରେ ପ୍ରାୟ ୧୪କୋଟି ଟଙ୍କା ବ୍ୟୟ ଅଟକଳରେ ଲାନ୍ତନଦୀରେ ବ୍ରିଜ ନିର୍ମାଣ କାମ ଆରମ୍ଭ ହେବା ୬ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ତା୧୫।୧।୨୦୧୬ରେ ଆରମ୍ଭ ହୋଇଥିବା କାମ ତା୧୪।୫।୨୦୧୮ରେ ସମାପ୍ତ ହେବା କଥା। ହେଲେ ଅଦ୍ୟାବଧି ୫୦ଭାଗ କାମ ସରି ପାରିନାହିଁ। ପ୍ରଥମେ କାମ ନେଇଥିବା ଠିକାଦାର ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସାରି ନ ପାରିବାରୁ ପୁନଃ ଟେଣ୍ଡର କରାଯାଇ ବଲାଙ୍ଗୀର ଜିଲାର ଜଣେ ଠିକାଦାରଙ୍କୁ ଦିଆଯାଇଛି। ଟେଣ୍ଡର ହେବାର ଏକ ବର୍ଷରୁ ଅଧିକ ସମୟ ବିତିଗଲାଣି। ହେଲେ ସେ କାମ ଆରମ୍ଭ କରି ନାହାନ୍ତି। ଏଥିଯୋଗୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସଇଁତଲା ବ୍ଲକର ଆମ୍ବପାଲି, ଡୁଙ୍ଗୁରିପାଲି, କଅଁସର, ଘୁନସର ଓ କଳାହାଣ୍ଡି ଜିଲାର ବେଲଖଣ୍ଡି, ରିଷିଡ଼ା ପ୍ରଭୃତି ଅଞ୍ଚଳର ଜନସାଧାରଣ ବାଦିପଡ଼ା ଲାନ୍ତନଦୀ ଦେଇ ଯିବା ଆସିବା କରିଥାନ୍ତି। ନଦୀରେ ବର୍ଷା ଓ ଶୀତ ଦିନରେ ପାଣି ରହୁଥିବା ସମୟରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସମସ୍ୟାକୁ ଦେଖି ରାଜ୍ୟ ସରକାର ବିଜୁ ସେତୁ ଯୋଜନାରେ ପ୍ରାୟ ୧୪କୋଟି ଟଙ୍କା ବ୍ୟୟ ଅଟକଳରେ ୨୦୧୫ ମସିହାରୁ ପୋଲ ନିର୍ମାଣ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କଳାହାଣ୍ଡି ଜିଲାର ଏକ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଇତିମଧ୍ୟରେ ମାତ୍ର ତିନିଟି ସ୍ଲାବ ପଡ଼ିଛି। ତିନିଟି ଖୁମ୍ବ, ଚାରିଟି ସ୍ଲାବ କାମ ଆରମ୍ଭ ହୋଇନାହିଁ। ନଭେମ୍ବର ୨୦୧୯ରେ ଅଞ୍ଚଳବାସୀ ବ୍ରିଜ କାମ ବର୍ଷା ପୂର୍ବରୁ ଶେଷ କରିବା ନେଇ ଜାତୀୟ ରାଜପଥ-୨୬ ଅବରୋଧ କରିଥିଲେ। ସେହି ସମୟରେ ଟିଟିଲାଗଡ଼ ଉପଜିଲାପାଳ ସୁଧାକର ନାୟକ ଘଟଣାସ୍ଥଳରେ ପହଞ୍ଚି ବର୍ଷା ପୂର୍ବରୁ କାମ ଶେଷ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଠିକା ନେଇଥିବା ସଂସ୍ଥା କାମ ସାରି ନ ପାରିବାରୁ ପୁନଃ ଟେଣ୍ଡର କରାଯାଇ ଜଣେ ଠିକାଦାରଙ୍କୁ ପ୍ରକଳ୍ପ କାମ ଦିଆଯାଇଥିଲା। ହେଲେ ଇଞ୍ଚେ ବି କାମ ଆଗେଇଲା ନାହିଁ। ସଇଁତଲାସ୍ଥିତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅଧିକାରୀ ମଧୁସୂଦନ ମେହେରଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସଭ କରି ନଥିଲେ।

# ନିର୍ଦ୍ୱନ୍ଦ୍ୱରେ ଗୋବର୍ଦ୍ଧନ ଭୋଇ ସଭାପତି ନିର୍ବାଚିତ

**କର୍ଲାମୁଣ୍ଡା ସମବାୟ ସମିତି ନିର୍ବାଚନ**

କର୍ଲାମୁଣ୍ଡା,୧୯।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ୩ଟି ସମବାୟ ସମିତିରେ ସଭ୍ୟାସଭ୍ୟ ପାଇଁ ନିର୍ବାଚନ ପକ୍ରିୟା ଆରମ୍ଭ ହୋଇଯାଇଛି। କର୍ଲାମୁଣ୍ଡା ପ୍ରାଥମିକ ସମବାୟ ସମିତିରେ ମୋଟ ୧୫ଟି ଆସନରେ ଭରତ ଚନ୍ଦ୍ର ବେହେରା, ଗୋବର୍ଦ୍ଧନ ଭୋଇ, ଜୟଶଙ୍କର ସାହୁ, କ୍ଷମରାଜ ସାହୁ, ଶୁକ୍ରୁ ରଣା, କବିରାଜ ସାହୁ, ମାଧୁରୀ ପଧାନ, ଟିକି ବାଗ, ସତ୍ୟମ ରଣା, ରାଜୀବ ସାହୁ, ବନିତା ସାହୁ, ଦିଲୀପ କୁମାର ସାହୁ, ରଥ ରଣା, ଆନନ୍ଦ ଚନ୍ଦ୍ର ସାହୁ, ଭରତ ସାହୁ ପ୍ରମୁଖ ଜଣେ ଲେଖାଁ ପ୍ରାର୍ଥୀ ରହିଥିବାରୁ ସମସ୍ତେ ଅପ୍ରତିଦ୍ୱନ୍ଦୀରେ ନିର୍ବାଚିତ ହୋଇଛନ୍ତି। ସେହିପରି ଏହି ସମବାୟ ସମିତିରେ ରବିବାର ସଭାପତି ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ଗୋବର୍ଦ୍ଧନ ଭୋଇ ନାମାଙ୍କନପତ୍ର ଦାଖଲ କରି ନିର୍ଦ୍ୱନ୍ଦ୍ୱରେ ସଭାପତି ଭାବେ ଘୋଷଣା ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ କ୍ଷୀରସିନ୍ଧୁ ରଣା, ଡିଇଓ ଅଚିନ ଅନୁଭବ ଷଡଙ୍ଗୀ ଓ ଶାନ୍ତିଶୃଙ୍ଖଳା ପାଇଁ କର୍ଲାମୁଣ୍ଡା ଫାଣ୍ଡି କନଷ୍ଟେବଳ ପୂର୍ଣ୍ଣ ଚନ୍ଦ୍ର ସାହୁ, ଗୃହରକ୍ଷୀ ଚନ୍ଦୁଲାଲ ସାହୁ ରହିଥିଲେ। ଭୋଇଙ୍କ କାର୍ଯ୍ୟ ଦକ୍ଷତା ଓ ଲୋକ ସମ୍ପର୍କ ଯୋଗୁ ଦ୍ୱିତୀୟ ଥର ପାଇଁ ସଭାପତି ହୋଇଥିବାରୁ କୃଷକ ମହଲରେ ଖୁସୀର ଲହରୀ ଖେଳିଯାଇଛି। ଅନ୍ୟପଟେ ଏହି ବ୍ଲକର ଯୋରାଡବ୍ରା ସମବାୟ ସମିତିରେ ୧୫ ଆସନରୁ ୧୧ଟି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଓ ୩ଟି ଆସନ ପାଇଁ ପ୍ରତିଦ୍ୱନ୍ଦି ରହିଥିବାରୁ ୨୬ ତାରିଖରେ ନିର୍ବାଚନ ହେବାକୁ ଥିବା ବେଳେ ୧୧ ନଂ. ୱାର୍ଡରେ ନାମାଙ୍କନପତ୍ର ଦାଖଲ କରିଥିବା ୩ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଥିବାରୁ ଏହି ଆସନ ଖାଲି ରହିବା ନିଶ୍ଚିତ ହୋଇଯାଇଛି। ସେହିଭଳି ରିଷିଡା ସମବାୟ ସମିତିରେ ମୋଟ ୧୪ ଆସନରୁ ୮ଟି ଆସନରେ ଜଣେ ଲେଖାଁ ପ୍ରାର୍ଥୀ ରହି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୬ ଟି ଆସନରେ ନିର୍ବଚାନ ଥିବା ଜଣାପଡିଛି।


ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ସଭ୍ୟାସଭ୍ୟଙ୍କ ସହ ସଭାପତି ଗୋବର୍ଦ୍ଧନ ଭୋଇ।

# ଡାକ୍ତରଖାନାରେ ରୋଗୀ ସମ୍ପର୍କୀୟଙ୍କ ବିକ୍ଷୋଭ

ଭବାନୀପାଟଣା,୧୯।୬(ସ୍ୱ.ପ୍ର.)


ଜିଲା ମୁଖ୍ୟ ଚିକିତ୍ସାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଅସ୍ତ୍ରୋପଚାର ପରେ ପ୍ରସବ ଦ୍ୱାରରେ ଗଜକନା ରହିବା ଘଟଣା**

କଳାହାଣ୍ଡି ଜିଲା ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ମହିଳାଙ୍କ ଅସ୍ତ୍ରୋପଚାର ପରେ ପ୍ରସବ ଦ୍ୱାରରେ ଗଜକନା ଛାଡ଼ିଦେଇଥିବା ଭଳି ସାଂଘାତିକ ଅଭିଯୋଗ ହୋଇଛି। ଏହାକୁ ନେଇ ପରିବାର ଲୋକେ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଡୁମେରଗୁଡା ଗାଁର ବିଶେକ ବେହେରାଙ୍କ ସ୍ତ୍ରୀ ଦେବନ୍ତିଙ୍କୁ ଗତ ମେ ୧୭ ତାରିଖରେ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉକ୍ତ ଦିନ ହିଁ ଅସ୍ତ୍ରୋପଚାର ପରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ହେଲେ ଅସ୍ତ୍ରୋପଚାର ପରେ ପ୍ରସବ ଦ୍ୱାରରେ ଗଜକନା ଛାଡି ଦେଇଥିଲେ। ପରେ ଦେବନ୍ତୀଙ୍କୁ ୨୪ ଘଣ୍ଟା ଅର୍ଥାତ ୨୦ ତାରିଖରେ ଡିସଚାର୍ଜ କରିଦେଇଥିଲେ ମେଡ଼ିକାଲ କର୍ତ୍ତୃପକ୍ଷ। କିଛି ଦିନ ପରେ ଦେବନ୍ତୀଙ୍କ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦେବନ୍ତୀଙ୍କୁ ଅଲ୍ଟ୍ରାସାଉଣ୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଲ୍ଟ୍ରାସାଉଣ୍ଡ ରିପୋର୍ଟରେ ଡାକ୍ତର ଜାଣିବାକୁ ପାଇଥିଲେ ଯେ ଦେବନ୍ତିଙ୍କ ପ୍ରସବ ଦ୍ୱାର ଭିତରେ ଗଜକନା ରହିଛି। ଯାହା ଶଢ଼ି ଯିବା ସ୍ଥିତିରେ ରହିଥିଲା ପରେ ଧର୍ମଗଡ଼ ମେଡ଼ିକାଲରେ ଦେବନ୍ତୀଙ୍କ ଗଜକନା କାଢ଼ିଥିଲେ ଡାକ୍ତର। ଏ ନେଇ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇ ଥିଲେ ହେଲେ କୌଣସି ସୁଫଳ ନ ମିଳିବାରୁ ଶନିବାର ଜିଲା ମୁଖ୍ୟ ଚିକିତ୍ସାଳୟ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଦେବନ୍ତୀଙ୍କ ପରିବାର। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କସ୍ତୁରୀ ମିଶ୍ରଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ପରେ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଲାଠୋର ପାକ୍ସ: ଡ଼ାଇରେକ୍ଟର ନିର୍ବାଚନ ସରିଲା

ଲାଠୋର, ୧୯।୬(ଡ଼ି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପାକ୍ସରେ ରବିବାର ଡ଼ାଇରେକ୍ଟର ନିର୍ବାଚନ ଶେଷ ହୋଇଛି। ମୋଟ ୧୨ ୱାର୍ଡ ପାଇଁ ନିର୍ବାଚନ ଘୋଷଣା ହୋଇଥିଲା। ସେଥି ମଧ୍ୟରୁ ୪ ନଂ ନିର୍ବାଚନ ୱାର୍ଡରେ କିଶୋର ସେଠ, ୮ ନଂରେ ବିରଞ୍ଚି ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଅନ୍ୟ ୱାର୍ଡ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ୧ ନଂରେ ବିଜୟ ମେହେର, ୩ ନଂରେ ବେଦ ଧରୁଆ, ୫ ନଂରେ ପଦ୍ମନାଭ ନାଏକ, ୬ ନଂରେ ସତ୍ୟନାରାୟଣ ମେହେର, ୭ ନଂରେ ସଫେଦ ହଂସ, ୯ ନଂରେ ଈଶ୍ୱର ପ୍ରସାଦ ଖର୍ସେଲ, ୧୦ ନଂରେ ଶିଶୁ ପଧାନ, ୧୧ ନଂରେ ଆଶାରାମ ଭଇଁଷାଲ, ବିଜୟୀ ହୋଇଛନ୍ତି। ୧୪ନଂରେ କ୍ଷମା ବାରିକ ଓ ଶ୍ରବଣ ଅଗ୍ରୱାଲ ସମାନ ସଂଖ୍ୟକ ଭୋଟ ପାଇଥିଲେ। ଲଟେରୀ ମାଧ୍ୟମରେ କ୍ଷମା ବାରିକ ବିଜୟୀ ହୋଇଥିଲେ। ସେହିପରି ୧୨ ନଂ ରେ ମଧ୍ୟ ଲଟେରୀରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ଲେମ୍ବୁବତୀ ବେହେରା ବିଜୟୀ ହୋଇଥିଲେ। ୨, ୧୩ ଓ ୧୫ନଂ ୱାର୍ଡରେ ଭୋଟର ନ ଥିବାରୁ ନିର୍ବାଚନକୁ ବାତିଲ କରାଯାଇଛି। ସମୁଦାୟ ୧୫୦ ଭୋଟରଙ୍କ ମଧ୍ୟରୁ ୧୩୬ ପୁରୁଷ ଏବଂ ୫ ମହିଳା ଏହିପରି ସର୍ବମୋଟ ୧୪୧ ଭୋଟର ଭୋଟଦାନ କରିଥିଲେ। ନିର୍ବାଚନ ଅଧିକାରୀଭାବେ ବସନ୍ତ କୁମାର କାଲସାଏ, ପ୍ରଜାଇଡ଼ିଙ୍ଗ ଅଫିସର ଥିଲେ ଗତିକୃଷ୍ଣ ସାହୁ, ପୋଲିଙ୍ଗ ଅଫିସରଭାବେ ସଞ୍ଜୀବ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ସଭାପତି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି।

# କୁଲି ମେହେର ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ

ଲୋଇସିଂହା,୧୯।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଅଗ୍ରେସନ ଭବନଠାରେ ରବିବାର ନିଖିଳ ଉତ୍କଳ କୁଲି ମେହେର ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ସଭାପତି ଧନସିଂ ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତକ୍ରମେ ଧନସିଂ ମେହେର ସଭାପତି, ଉପସଭାପତି ତିଲ ମେହେର, ସମ୍ପାଦକ ଚିତ୍ତରଞ୍ଜନ ମେହେର, ସହସମ୍ପାଦକ ଘନଶ୍ୟାମ ମେହେର, କୋଷାଧ୍ୟକ୍ଷଭାବେ ବିନୟ ମହରା, ଆନନ୍ଦ ମେହେର ସାଂଗଠନିକ ସମ୍ପାଦକ ମନୋନୀତ ହୋଇଥିଲେ। ଓମପ୍ରକାଶ ମେହେର, ସୁରେଶ ମେହେର, କଲ୍ୟାଣୀ ମେହେର, ସୁଜାତା ମେହେର, ଲିଲି ମେହେର ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି ଅବସରରେ ବୁର୍ଲାର ଅର୍ଜୁନ ମେହେର, ଖରମୁଣ୍ଡାର ରଶିତା ମେହେର, ସମ୍ବଲପୁରର କାନ୍ତି ମେହେର, ତାଳଜୁରୀର ହିମାଞ୍ଚଳ ମେହେର ଏବଂ ଝରର ନାରାୟଣ ମେହେରଙ୍କୁ ସମାଜ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ଅନନ୍ତ ମେହେର ସଭା ସଂଯୋଜନା କରିଥିଲେ। ଚିତ୍ତରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।


ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

# ନର୍ଲାରେ ଶାନ୍ତି ଶୃଙ୍ଖଳାରେ ସମବାୟ ସମିତି ନିର୍ବାଚନ

ନର୍ଲ,୧୯।୬(ଡି.ଏନ.ଏ.)

କଳାହାଣ୍ଡି ନର୍ଲା ବ୍ଲକ ଅନ୍ତର୍ଗତ ୭ଟି ସମବାୟ ସମିତି ମଧ୍ୟରୁ ରବିବାର ୬ଟି ସମବାୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସେଥି ମଧ୍ୟରୁ ନର୍ଲା, ରୁପ୍ରାରୋଡ, ଶାନ୍ତପୁର, ଭାନପୁର, ତୁଲପଡା, ପଲମ ଆଦି ସମବାୟ ସମିତିରେ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଚାଲିଥିଲା। ରୁପ୍ରା ସମବାୟ ସମିତିରେ ସମସ୍ତ ସଭ୍ୟ, ସଭ୍ୟା ଓ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡିଛି। ନର୍ଲା ସମବାୟ ସମିତି ଅଧୀନରେ ୧୩ଟି ୱାର୍ଡ ରହିଥିବା ବେଳେ ୩୧୬ଜଣ ଭୋଟର ରହିଛନ୍ତି। ୨୬ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା ରହିଥିବା ଜଣାପଡିଛି। ନର୍ଲା ସମବାୟ ସମିତିରେ ଶାନ୍ତି ଶୃଙ୍ଖଳା ସହିତ ନିର୍ବାଚନ ସମାପ୍ତ ହୋଇଛି।

# ମାଦକ ଦ୍ରବ୍ୟ ବର୍ଜନ ପାଇଁ ଶପଥ

**ବ୍ଲକସ୍ତରୀୟ ଡ୍ରାଇଭର ସଂଘ ବୈଠକ**

ଖପ୍ରାଖୋଲ,୧୯।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ବଜାର ପଡିଆରେ ବ୍ଲକସ୍ତରୀୟ ଡ୍ରାଇଭର ସଂଘ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାନପୁର ପଞ୍ଚାୟତ ସଭାପତି ଫକୀର ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ସଭାପତି ଅଚ୍ୟୁତ ସେଠ, ସମ୍ମାନିତ ଅତିଥି ସମ୍ପାଦକ ଇଶାଗ ସାଗର, ଉପସଭାପତି ଅମୂଲ୍ୟ ସାହୁ, ସହ ସମ୍ପାଦକ ସୁମନ୍ତ ପଟେଲ, ବ୍ଲକ ସଭାପତି ଧନୁର୍ଦ୍ଧର ବାରିକ, ବିନାୟକ ବନଛୋର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡ୍ରାଇଭର ସଂଘକୁ ସୁଦୃଢ଼ କରିବା ସହ ମାଦକ ଦ୍ରବ୍ୟ ବର୍ଜନ ପାଇଁ ଶପଥ ପାଠ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ସରୋଜ ସାହୁ, ହେମାଶାଗର ପଟେଲ, ନିୟମତ ଖାନ, ରାଜୁ ଭାଇ, ଦେବାନନ୍ଦ ପଟ୍ଟନାୟକ, ଆଲୋକ ପାଣିଗ୍ରାହୀ, ମୋହନ ଭାଇ, ଜ୍ଞାନ ଭାଇ, ଅନ୍ତର୍ଯ୍ୟାମୀ ସେଟ, ତେକେନ୍ଦ୍ର ଭାଇଙ୍କ ସମେତ ସଂଘର ଶତାଧିକ ସଦସ୍ୟ ଯୋଗ ଦେଇଥିଲେ।


ବୈଠକରେ ଯୋଗଦେଇଥିବା ଡ୍ରାଇଭର ସଂଘ କର୍ମକର୍ତ୍ତା।

# ଜମିର ଉର୍ବରତା ବଜାୟ ରଖିବାକୁ ହେବ

**ଆଦର୍ଶ ଗ୍ରାମରେ ମୃତ୍ତିକା ସ୍ୱାସ୍ଥ୍ୟମେଳା**

ଟିଟିଲାଗଡ଼, ୧୯।୬(ଡି.ଏନ.ଏ)



ଜିଲା ମୁଖ୍ୟ କୃଷି ଅଧିକାରୀ ଚାଷୀଙ୍କୁ ସରକାରୀ ଯୋଜନା ସମ୍ପର୍କରେ ପରାମର୍ଶ ଦେଉଛନ୍ତି।

ବର୍ଷକୁ ବର୍ଷ ସମାନ କିସମର ଫସଲ ସହ ଜମିରେ ବ୍ୟାପକ ପରିମାଣରେ ବିଭିନ୍ନ ସାର, ଔଷଧ ପ୍ରୟୋଗ ଯୋଗୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି। ଏହା ସହ ବିଷକ୍ରିୟା ହୋଇ ଓଡିଶାର କିଛି କ୍ଷେତ୍ର ସମେତ ଦେଶର ବିଭିନ୍ନ ରାଜ୍ୟରେ କର୍କଟ ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଏ ନେଇ ମାଟି ମାର ସ୍ୱାସ୍ଥ୍ୟ ପରୀକ୍ଷା ସହ କୃଷି ବିଭାଗ ପରାମର୍ଶ ନେଇ ଆବଶ୍ୟକ ପରିମାଣରେ ଜୈବିକ ତଥା ରାସାୟନିକ ସାର, ଔଷଧ ପ୍ରୟୋଗ କରିବାକୁ ହେବ। ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଆଦର୍ଶ ଗ୍ରାମ ଖୋଲାନଠାରେ ଅନୁଷ୍ଠିତ ମୃତ୍ତିକା ମେଳାରେ ଜିଲା ଅତିରିକ୍ତ କୃଷି ନିର୍ଦ୍ଦେଶକ(ମୃତ୍ତିକା) ବିଦ୍ୟାଧର ସାହୁ ଏବଂ ବଲାଙ୍ଗୀର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସତ୍ୟମୟ ଶତପଥୀ ଏହି ପରାମର୍ଶ ଦେଇଛନ୍ତି।

ରାଜ୍ୟ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଯୋଜନାକ୍ରମେ ମୃତ୍ତିକା ପରୀକ୍ଷା କ୍ଷେତ୍ରରେ ଆଦର୍ଶ ଗ୍ରାମ ଖୋଲାନରେ ଅଦ୍ୟାବଧି ୬୨୨ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯାଇଛି। ଆଜି ମଧ୍ୟ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷା ଯାନରେ ଚାଷୀଙ୍କ ଜମିର ମାଟି ପରୀକ୍ଷା ସହ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଚାଷୀଙ୍କ ଉତଥାନ ପାଇଁ ଅନେକ ଯୋଜନା କରିଥିବା କହିଥିଲେ। ଅପରପକ୍ଷରେ ଧାନ ବିହନ, ସାର ଔଷଧର କଳାବଜାର, ମରୁଡି ନେଇ ବୀମା ସହାୟତା ପ୍ରଦାନରେ ବିଳମ୍ବ ହୋଇ ଚାଲିଥିବା ଆଲୋଚନା କାଳରେ ଉପସ୍ଥିତ ଚାଷୀ ଅଭିଯୋଗ କରିଥିଲେ। ଘରୋଇ ସାର ବେପାରି ୟୁରିଆ ବସ୍ତାଏ କିଣିବାକୁ ଆସିଥିବା ଚାଷୀଙ୍କୁ ଅନ୍ୟ ଜିନିଷ ମଧ୍ୟ ସାଙ୍ଗରେ କିଣିବାକୁ ବାଧ କରୁଥିବା ଅଭିଯୋଗ ହୋଇଥିଲା। ତେବେ ଆଗକୁ ଏନେଇ କୃଷି ବିଭାଗ ତୀକ୍ଷ୍ଣ ଦୃଷ୍ଟି ରଖିବା ବୋଲି କହିବା ସହ ଚାଷୀ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହେଲେ ତାଙ୍କୁ ଯୋଗାଯୋଗ କରିବାକୁ ମେଳାରେ ଉପସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରୀ ଶାରଦା ପ୍ରସାଦ ମିଶ୍ର ଚାଷୀଙ୍କୁ ଆଶ୍ୱାସନା ଦେଇଥିଲେ। ସରକାରଙ୍କ ଗୋ ସୁଗମ, କୃଷକ ଓଡିଶା ଯୋଜନାରେ ଅନଲାଇନ ମାଧ୍ୟମରେ ଚାଷୀ ନିଜ ନାମ ପଞ୍ଜିକରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆତ୍ମା ଅଧକ୍ଷ ମନୋଜ ପାଢୀ, ସ୍ଥାନୀୟ ସମିତି ସଭ୍ୟା ଧିର ରଣା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ହରିଶ ମାଥୁର, ଡିପିଡି ଆତ୍ମା ଗୌନ୍ତିଆ ରଣା, ଉଦ୍ୟାନ କୃଷି ଅଧିକାରୀ ନୂତନଶ୍ରୀ ପଟେଲ, ବ୍ଲକ କୃଷି ଅଧିକାରୀ ଲାଲବିହାରି ମଲ୍ଲିକ ମଞ୍ଚାସୀନ ଥିଲେ। ଏଅବସରରେ ଅନେକ ଘରୋଇ କମ୍ପାନୀ ଯୋଗଦେଇ ନୂତନ ଜ୍ଞାନକୌଶଳ ଦ୍ୱାରା ଉତ୍ପାଦିତ ବିହନ, ଜୈବିକ ସାରଔଷଧ ଆଦିର ଉପାଦେୟତା ସମ୍ବନ୍ଧରେ ଚାଷୀଙ୍କୁ ଅବଗତ କରିଥିଲେ।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୨୦ ଜୁନ୍, ୨୦୨୨

## ସମଲେଶ୍ୱରୀ ସଂଘର ଶ୍ରଦ୍ଧାଞ୍ଜଳି ସଭା

ବରପାଲି (ଡି.ଏନ.ଏ): ବରପାଲିର ଏକ କଲ୍ୟାଣ ମଣ୍ଡପରେ ରବିବାର ସନ୍ଧ୍ୟାରେ ବରଗଡ଼-ସମଲେଶ୍ୱରୀ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ପୂର୍ବତନ ସମ୍ପାଦକ ସ୍ୱର୍ଗତ ରାଧାକାନ୍ତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସମ୍ପାଦକ ସମୀର କୁମାର ମହାପାତ୍ରଙ୍କ ସମେତ ସଂଘର ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ସଂକ୍ଷେପରେ

### ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ସଜାଗ ରୁହ

**ଅମରପାଲି,୧୯।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ଜିଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ସମ୍ପର୍କରେ ବିଭିନ୍ନ ବିଭାଗ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ସମୟରେ ଯାହା ସବୁ ପଦକ୍ଷେପ ନେବେ ସେ ନେଇ ମତାମତ ରଖିଥିଲେ। ସମ୍ଭାବ୍ୟ ବନ୍ୟାର ସଠିକ ଓ ବ୍ୟବସ୍ଥିତ ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ଉପଜିଲାପାଳ କହିବା ସହ ବିଭିନ୍ନ ବିଭାଗ ପରସ୍ପର ମଧରେ ସହଯୋଗ ରକ୍ଷାପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା ଉପସ୍ଥିତ ଥିଲେ।

### ଦିନିକିଆ ଆଧାତ୍ମିକ କର୍ମଶାଳା

**ବୌଦ୍ଧ,୧୯।୬(ସ୍ୱ.ପ୍ର.):** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବୌଦ୍ଧ ଶାଖା ପକ୍ଷରୁ ବୌଦ୍ଧ ସହରର ରାଜବାଟିସ୍ଥିତ ଜିଲା କେନ୍ଦ୍ରଠାରେ ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ବାଳକାବାଳିକମାନଙ୍କ ପାଇଁ ଦିନିକିଆ ଆଧାତ୍ମିକ କର୍ମଶାଳା ରବିବାର ଦିନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ବି. କେ ସରୋଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବଚରଣ ଘିବେଲା ଯୋଗ ଦେଇ ପିଲାମାନଙ୍କ ମାନସିକ ଦକ୍ଷତା,ଏକାଗ୍ରତା,ନୈତିକ ମୂଲ୍ୟବୋଧ ଉପରେ କହିଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, କୁଇଜ, ନାଚ, ଗୀତ, ଗଳ୍ପକଥନ ଓ ମୂଲ୍ୟବୋଧ ଭିତ୍ତିକ କାର୍ଯ୍ୟକ୍ରମ କରାଯାଇଥିଲା। କେନ୍ଦ୍ର ପରିଚାଳିକା ବି .କେ ମାମିନା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନେହଲତା ପୁରୋହିତ, ବି କେ ନିର୍ମଳ,ବି .କେ ରଶ୍ମିତା,ବି କେ ଶ୍ୟାମ ପ୍ରମୁଖ ପିଲାଙ୍କୁ ବିଭିନ୍ନ ଶିକ୍ଷା ଦେଇଥିଲେ। ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘିବେଲାଙ୍କ ସହିତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପି. ମହାଲିକ, ବି କେ ରବି ଭାଇ ଓ ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ସୁବଳୟା ରଥଯାତ୍ରା ପାଇଁ ପ୍ରସ୍ତୁତି

**ଅମରପାଲି, ୧୯।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାଠାରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦକିଶୋର ମିଶ୍ର ସଭାପତିତ୍ୱ କରିଥିଲେ। ନୂତନ ରଥ ନିର୍ମାଣ କାମ ଯଥା ସମୟରେ ସମ୍ପୂର୍ଣ୍ଣ କରିବା, ଯାତ୍ରାର ସୁପରିଚାଳନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ସରପଞ୍ଚ ପ୍ରମୋଦ ମହାପାତ୍ର, ଲଳିତ ପାତ୍ର, ରାମ ଅଗ୍ରୱାଲ, ଘାସିରାମ ପୂଜାହାରୀ, ଭରତ ଅଗ୍ରୱାଲା, ଆନନ୍ଦ ଅଗ୍ରୱାଲା, ଶିବ ମେହେର, ବାବୁଲାଲ ବେହେରା, ଚନ୍ଦନ, ପ୍ରମୋଦ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ ପୂଜାହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରୁନି ବ୍ରିଜ ନିର୍ମାଣ କାର୍ଯ୍ୟ

# ବର୍ଷା ହେଲେ ଜିରା ଚିନ୍ତା

**ବରଗଡ଼ ଅଫିସ୍,୧୯।୬**

ବରଗଡ଼ ପୌର ପରିଷଦ ଦେଇ ବହି ଯାଇଛି ଜିରା ନଦୀ। ବର୍ଷାଦିନେ ଏହି ନଦୀ ସହରବାସୀଙ୍କ ଦୁଃଖ ପାଲଟୁଛି। ବ୍ରିଟିଶ ଅମଳର ପୁରୁଣା ବ୍ରିଜ୍ ଭଙ୍ଗାଯିବା ପରେ ଲୋକଙ୍କ ଦୁଃଖ ବଢିଯାଇଛି। ନୂତନ ବ୍ରିଜ୍ ହେଲେ ସୁବିଧାରେ ଯାତାୟାତ ହୋଇପାରିବ ଲୋକେ ଆଶା ବାନ୍ଧିଥିଲେ। ମାତ୍ର ୨୦୧୮ରୁ ନୂତନ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫେୟାରୱେଦର ରାସ୍ତା ଯାତାୟାତରେ ଭରସା ପାଲଟିଛି। ଅନ୍ୟପଟେ ବର୍ଷାଦିନେ ଜିରା ନଦୀର ବନ୍ୟାଜଳରେ ଫେୟାରୱେଦର ରାସ୍ତା ଧୋଇ ହୋଇଯାଉଛି। ଫଳରେ ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି। ଏବେ ପୁଣି ବର୍ଷା ଆସିଯାଇଛି ଏବଂ ଜିରା ନଦୀର ନୂତନ ବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି।


ଫେୟାରୱେଦର ରାସ୍ତା ଏବଂ ଅଧାପନ୍ତରିଆ ପଡ଼ି ରହିଥିବା ଜିରା ବ୍ରିଜ।

### ଇଚ୍ଛାଶକ୍ତି ଅଭାବ



"ଅଞ୍ଚଳର ଜନପ୍ରତିନିଧି ତଥା ନେତାମାନଙ୍କ ଇଚ୍ଛାଶକ୍ତି ଅଭାବରୁ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଗତିଶୀଳ ହୋଇପାରୁନାହିଁ। ଏଥିପ୍ରତି ପ୍ରଶାସନିକ ଉଦାସୀନତା ମଧ୍ୟ ଦାୟୀ। ଛାତ୍ରୀଛାତ୍ର, କୃଷକଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏବେ କାମଚଳା ଫେୟାରୱେଦର ରାସ୍ତାରେ ଯିବା ଆସିବା କରୁଛୁ। କିନ୍ତୁ ବର୍ଷା ହେଲେ ଏହି ରାସ୍ତା ଧୋଇ ହୋଇଯିବ ଏବଂ ଯାତାୟାତ ସମ୍ଭବ ହେବନାହିଁ।

**-ସୁରେଶ ମହାପାତ୍ର, ଅମ୍ବାପାଲି**

### ଜୀବିକା ପ୍ରଭାବିତ ହେଉଛି



"ଲୋକଙ୍କ ଜୀବିକାରେ ଗମନାଗମନ ଏକ ମାଧ୍ୟମ। ଯେଉଁଠି ଗମନାଗମନ ସୁବିଧା ସୁଯୋଗ ନାହିଁ, ସେଠାରେ ଲୋକଙ୍କ ଜୀବିକା ବାଧାପ୍ରାପ୍ତ ହୋଇଥାଏ। ଏହି ଦୃଷ୍ଟିରୁ ଜିରା ବ୍ରିଜ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସମାପନ କରିବା ଜରୁରି ହୋଇପଡ଼ିଛି। ବ୍ରିଜ୍ ନିର୍ମାଣ ସରି ନ ଥିବାରୁ ଅନେକ ଲୋକଙ୍କ ଜୀବିକା ମଧ୍ୟ ପ୍ରଭାବିତ ହେଉଛି। ବର୍ଷାରେ ଫେୟାରୱେଦର ରାସ୍ତା ଧୋଇଗଲେ ଲୋକେ ନିଶ୍ଚୟ ଜୀବିକା ହରାଇବେ।

**-ସୁଶିଲ କୁମାର ସାହୁ, ବରଗଡ଼**

### ଦୁଃଖ ଦେଉଛି ଅସମ୍ପୂର୍ଣ୍ଣ ବ୍ରିଜ୍



"ବ୍ରିଜ୍ ନିର୍ମାଣ ବିଳମ୍ବିତ ହେଉଛି। ଆମେ ଦୁଃଖ ଭୋଗୁଛୁ। ଏହି ଦୃଷ୍ଟିରୁ ସରକାର ଆମର ଶୁଭଚିନ୍ତକ ନୁହଁନ୍ତି ବୋଲି ଅନୁଭବ କରୁଛୁ। ବ୍ରିଜ୍ ନିର୍ମାଣ ଯେତେ ଶୀଘ୍ର ସରିବ, ଆମ ଦୁଃଖ ସେତେ ଶୀଘ୍ର ଦୂର ହେବ। ହେଲେ ସରକାର ସେଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି। କେବଳ ଅମ୍ବାପାଲିବାସୀ ନୁହଁନ୍ତି, ଏହି ବ୍ରିଜ୍ ଉପରେ ବରଗଡ଼ ସହରବାସୀଙ୍କ ସମେତ ଆଖପାଖ ୫ ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ସରକାର ତୁରନ୍ତ ବ୍ରିଜ ନିର୍ମାଣ ସାରିବାକୁ ନିବେଦନ କରୁଛୁ।

**-ରବିନ୍ଦ୍ର ପୂଜାରୀ, ଅମ୍ବାପାଲି**

### ଧନୁଯାତ୍ରା ପୂର୍ବରୁ ବ୍ରିଜ୍ ନିର୍ମାଣ ହେଉ



"ଧନୁଯାତ୍ରାରେ ଅମ୍ବାପାଲି ଗୋପପୁର ଏବଂ ବରଗଡ଼ ସହର ମଥୁରା ପାଲଟିଥାଏ। ଏହି ସମୟରେ ମଥୁରାରୁ ଗୋପପୁର ଏବଂ ଗୋପପୁରରୁ ମଥୁରାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଆଉ କିଛିମାସ ପରେ ବରଗଡ଼ ଧନୁଯାତ୍ରା ହେବ। ଧନୁଯାତ୍ରା ପୂର୍ବରୁ ବ୍ରିଜ ନିର୍ମାଣ କାମ ସରି ନ ଥିଲେ ପର୍ଯ୍ୟଟକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଧନୁଯାତ୍ରାକୁ ଅପେକ୍ଷା ନ କରି ଯେତେଶୀଘ୍ର ବ୍ରିଜ୍ ନିର୍ମାଣ କାମ ସରିବ ସେଥିପ୍ରତି ପ୍ରଶାସନ, ଲୋକ ପ୍ରତିନିଧି ଦୃଷ୍ଟି ଦେବା ଦରକାର ।

**-ଶିବାନନ୍ଦ ମଟାରୀ, ବରଗଡ଼**

# ମୃତଦେହ ରଖି ଧାରଣାରେ ବସିଲେ ପରିବାର


ଆମ୍ବୁଲାନସ ଯୋଗେ ମୃତଦେହ ଗାଁକୁ ଆସିଛି।

**ବୌଦ୍ଧ/ପୁରୁଣାକଟକ,୧୯।୬ (ସ୍ୱ.ପ୍ର./ଡି.ଏନ.ଏ.)**

**ତାମିଲନାଡୁରେ ଦୁଇ ଓଡିଆ ଶ୍ରମିକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟଣା**

- ୩ ଦିନ ପରେ ଗାଁକୁ ଫେରିଲା ମୃତଦେହ

କାମ କରିବାକୁ ତାମିଲନାଡୁ ରାଜ୍ୟକୁ ଯାଇଥିବା ବୌଦ୍ଧ ଜିଲାର ଦୁଇ ଓଡିଆ ଶ୍ରମିକଙ୍କ ଗତ ଗୁରୁବାର ଦିନ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଦୀର୍ଘ ୩ ଦିନ ପରେ ରବିବାର ଦୁଇ ଶ୍ରମିକଙ୍କ ମୃତଦେହ ନିଜ ଗ୍ରାମରେ ପହଞ୍ଚିଛି । ମୃତ ଶ୍ରମିକ ହେଲେ ଅନଙ୍ଗ ପ୍ରଧାନ (୩୦) ଓ ଜୟ ଭୋକ୍ରା (୩୫) । ତେବେ କ୍ଷତିପୂରଣ ଦାବି କରି ଜୟଙ୍କ ପରିବାର ଲୋକେ ଗ୍ରାମର ଦଲାଲଙ୍କ ଘର ଆଗରେ ମୃତଦେହ ରଖି ୧ ଘଣ୍ଟା ଧରି ଧାରଣା ଦେଇଥିବା ବେଳେ ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପ୍ରକାଶ ଯେ, ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଜିରାଡ ଗ୍ରାମର ଅନଙ୍ଗ, ବଘୁଆକଟା ଗ୍ରାମର ଜୟ ଏବଂ ବୌଦ୍ଧ ଥାନା ବରଝୁଲି ଗ୍ରାମର ସାନନ୍ଦ ଭୋଇ ତାମିଲନାଡୁ ରାଜ୍ୟ ତାମ୍ବରମ ଅଞ୍ଚଳର ଏକ ଘରୋଇ ମାର୍ବଲ କମ୍ପାନୀରେ ଶ୍ରମିକ ଭାବେ କାମ କରି ଆସୁଥିଲେ। ଗତ ଗୁରୁବାର କମ୍ପାନୀର ଏକ ମିନିଟ୍ରକରେ ତାମ୍ବରମ ଅଞ୍ଚଳର କୌଣସି ଏକ ସ୍ଥାନକୁ ମାର୍ବଲ ନେଇ ଯାଉଥିବା ସମୟରେ ସଡକ ଦୁର୍ଘଟଣାରେ ଅନଙ୍ଗ ଓ ଜୟଙ୍କ ମୃତ୍ୟୁ ଘଟିଥିଲା। ସାନନ୍ଦ ଗୁରୁତର ଆହତ ହୋଇଥିଲେ। ଏହି ଖବର ପାଇ ମୃତ ଶ୍ରମିକଙ୍କ ପରିବାର ମୃତଦେହ ଆଣିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ରବିବାର ଏକ ଆମ୍ବୁଲାନ୍ସ ଯୋଗେ ଦୁଇ ମୃତ ଶ୍ରମିକଙ୍କ ମୃତଦେହ ନିଜ ପୈତୃକ ଗ୍ରାମରେ ପହଞ୍ଚାଇ ଥିଲେ। ଜିରାଡ ଗ୍ରାମରେ ଅନଙ୍ଗଙ୍କ ମୃତଦେହ ସତ୍କାର କରାଯାଇଥିଲା। ତେବେ ବଘୁଆକଟା ଗ୍ରାମରେ ଜୟଙ୍କ ମୃତଦେହ ପହଞ୍ଚିବା ପରେ ଗାଁରେ କାନ୍ଦବୋବାଳି ପଡିବା ସାଙ୍ଗକୁ ଉତ୍ତେଜନା ଦେଖାଦେଇଥିଲା। ପରିବାର ଲୋକେ କ୍ଷତିପୂରଣ ଦାବି କରି ତାମୁଲନାଡୁ ନେଇଥିବା ଗ୍ରାମର ଦଲାଲ ସୁଶାନ୍ତ ପ୍ରଧାନଙ୍କ ଘର ଆଗରେ ମୃତଦେହ ରଖି ଧାରଣା ଦେଇଥିଲେ। ଦୀର୍ଘ ଏକ ଘଣ୍ଟା ପରେ ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସୁଶାନ୍ତ ଆସିଥିଲେ। ଦଲାଲ ପ୍ରଧାନ ଜୟଙ୍କ ମୃତଦେହ ସତ୍କାର ପାଇଁ ୨୦ ହଜାର ଟଙ୍କା ଓ ଶୁଦ୍ଧକ୍ରିୟା ପାଇଁ ୩୦ ହଜାର ଟଙ୍କା ଦେବାକୁ ରାଜି ହୋଇଥିଲେ। ଏହାଛଡା କମ୍ପାନୀ ଠାରୁ ଅର୍ଥ ନ ମିଳିବା ପର୍ଯ୍ୟନ୍ତ ମାସକୁ ୫ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ପରେ ପରିବାର ଲୋକ ମୃତଦେହ ସତ୍କାର କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ଦୁର୍ଘଟଣାରେ ଗୁରୁତର ଥିବା ଶ୍ରମିକ ସାନନ୍ଦ ଚିକିତ୍ସାଧୀନ ଥିବା ଜଣାପଡିଛି।

# 'ମଦର ପ୍ରସାର ଯୁବସମାଜକୁ ବିପଥଗାମୀ କରୁଛି'

**ସୋନପୁର,୧୯।୬(ନି.ପ୍ର.)**

ମଦମୁକ୍ତ ଓଡ଼ିଶାର ସଂକଳ୍ପ ସହ ଓଡ଼ିଶାର ପଶ୍ଚିମ ପ୍ରାନ୍ତର ୩ଟି ଜିଲାରୁ ଆସିଥିବା ଯୁବତୀଯୁବକଙ୍କୁ ନେଇ ସୁବର୍ଣ୍ଣପୁର ଏନଜିଓସିସି ସଭାଗୃହଠାରେ ଏକ ଯୁବସମ୍ବାଦ କାର୍ଯ୍ୟକ୍ରମ ରବିବାର ଆୟୋଜିତ ହୋଇଯାଇଛି। ଓଡ଼ିଶାରେ ସରକାରଙ୍କ ପ୍ରାୟୋଜିତ ମଦ ଦୋକାନ ଯୋଗୁ ସାଧାରଣ ପରିବାରଗୁଡ଼ିକ ଉଜୁଡ଼ି ଯାଉଛି। ଗାଁ ଓ ସହରରେ ଯୁବ ସମାଜ ବିପଥଗାମୀ ହେଉଛନ୍ତି। ଅପରାଧ ବୃଦ୍ଧି ପାଇବା ସହିତ ମଦ୍ୟପଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି ବୋଲି ଆଲୋଚନାରେ ମତପ୍ରକାଶ ପାଇଥିଲା। ତେବେ ସାମାଜିକ ଓ ରାଜନୈତିକ ଶକ୍ତିଗୁଡ଼ିକ କିପରି ଏହି ଗମ୍ଭୀର ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି ସେ ନେଇ ଚିନ୍ତା ବ୍ୟକ୍ତ କରାଯାଇଥିଲା। ଜନ କଲ୍ୟାଣ ପାଇଁ ଅଭିପ୍ରେତ ଏକ ଗଣତାନ୍ତ୍ରିକ ସରକାର ମଦ ବିକିବା କଦାପି ଗ୍ରହଣୀୟ ନୁହଁ। ଏହି ବ୍ୟବସ୍ଥାଗତ ବିଶ୍ୱାସଘାତକତା ବିରୋଧରେ ବେସାଲିସ ସଂଘର୍ଷ ଜାରି ରହିବ ବୋଲି ଯୁବ ବାହିନୀର ଆବାହକ ସତ୍ୟବ୍ରତ ପୃଷ୍ଟି କହିଛନ୍ତି। ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ଗାଁ ଗହଳି, ସହର ବଜାରରେ ୪ ହଜାର ୩ ଶହରୁ ଅଧିକ ମଦ ଦୋକାନ ଖୋଲିଛି। ମଦ ବନ୍ଦ ପାଇଁ ବ୍ୟାପକ ଜନଜାଗରଣ ଆବଶ୍ୟକ। ଏଥିପାଇଁ ଯୁବ ସମାଜକୁ ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଯୋଡ଼ିବା ନିମିତ୍ତ ମଦମୁକ୍ତି ଯୁବବାହିନୀ ଗଠନ କରାଯାଇଥିବା କୁହାଯାଇଛି। ଏହି ଅବସରରେ ବସ୍‌ଷ୍ଟାଣ୍ଡ ପରିସରରେ ଏକ ମାନବଶୃଙ୍ଖଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜିଲା ସଂଯୋଜକ ସୁଦାମ ଗାଇଗରିଆ ଓ ବଲାଙ୍ଗୀର ଜିଲା ସଂଯୋଜକ ସୋମନାଥ ସିଂହ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ପାତ୍ର,ପବିତ୍ର ବାରିକ, ରାଜେଶ କୁମାର ଦେଓ, ଉମେଶ ନାୟକ, ଓ ରଶ୍ମିରଞ୍ଜନ ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



ମଦମୁକ୍ତି ଯୁବବାହିନୀ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱେଚ୍ଛାସେବୀ।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ

**ବାଉଁଶୁଣୀ,୧୯।୬(ଡି.ଏନ.ଏ.)**

ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ବୌଦ୍ଧ ଜିଲାର ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ ରବିବାର ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଜିଲାର ୪ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ବହିରା, ଘଣ୍ଟାପଡା, କୁଲୁତାଜର ଏବଂ ଧର୍ମନଗରରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା ପାଇଁ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ମକ୍‌ଡ୍ରିଲ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରେ ନିଜେ କିପରି ପ୍ରସ୍ତୁତ ରହିବେ ଓ ଧନଜୀବନ କୁ ରକ୍ଷା କରିବେ ସେ ବିଷୟରେ ମଞ୍ଚାସୀନ ଅତିଥି ନିଜ ନିଜର ମତ ରଖିଥିଲେ। ଓଡ୍ରାଫ ଟିମ୍ ଏବଂ ଅଗ୍ନିଶମ ବାହିନୀ ନିଜ ପାଖରେ ଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର କରି କିପରି ଧନଜୀବନକୁ ରକ୍ଷା କରିବେ ସେ ବିଷୟରେ କୌଶଳ ଦେଖାଇଥିଲେ। ଓଡ୍ରାଫ ଟିମ୍ ମଧ ବିଭିନ୍ନ ଆଧୁନିକ ଜ୍ଞାନ କୌଶଳ ମାଧମରେ ଲୋକଙ୍କୁ କିପରି ବିପଦରୁ ରକ୍ଷା କରିବେ ସେ ବିଷୟରେ ଡେମୋ କରି ଦେଖାଇଥିଲେ। ବହିରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ମକ୍‌ଡ୍ରିଲ କାର୍ଯ୍ୟକ୍ରମ ପାଇଁ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ଅବନୀକାନ୍ତ ସାହୁ ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ। ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପର୍ଯ୍ୟବେକ୍ଷକ ଅମ୍ବିକା ପ୍ରସାଦ ମିଶ୍ର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପୂର୍ବ ପ୍ରସ୍ତୁତି ଜରୁରୀ ଏବଂ ଏଥିପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ତହସିଲଦାର ଦେବୀ ପ୍ରସାଦ ଦାସ, ଅତିରିକ୍ତ ତହସିଲଦାର ମହମ୍ମଦ ରଜା ରସୁଲ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ, ଉପନିର୍ଦ୍ଦେଶକ ଜିଲା ପ୍ରାଣୀ ଚିକିତ୍ସାଳୟ ଡ଼. ହୃଷିକେଶ ବେହେରା, ସହକାରୀ ଅଗ୍ନିଶମ ଅଧିକାରୀ ଜିତେନ୍ଦ୍ର କୁମାର ଦାସ, ଓଡ୍ରାଫର ଆଶ୍ରିତ କୁମାର ମିଞ୍ଜ, ସୁରଭି ନିର୍ଦ୍ଦେଶକ ଦାମୋଦର ସାହୁ, ଶିକ୍ଷକ ବହିରା ହାଇସ୍କୁଲ ଦେଶବନ୍ଧୁ ମହାକୁଡ଼, ସରପଞ୍ଚ ଯଯାତି କେଶରୀ ମହାଲିକ, ସତ୍ୟନାରାୟଣ ପାଣି ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ହାବିଲଦାର ଦେବାଶିଷ ନାଏକ, ଗିରିଧାରୀ ଖମାରି, କନଷ୍ଟେବଳ ଶ୍ରବଣ ନାଗ, ସୁଶାନ୍ତ ଜଗଦଲା ଏବଂ ଓଡ୍ରାପର ସମସ୍ତ ସଭ୍ୟ ବନ୍ୟାର ପୂର୍ବ ପ୍ରସ୍ତୁତି ଓ ଉଦ୍ଧାର କାର୍ଯ୍ୟ ମକଡ୍ରିଲ ମାଧ୍ୟମରେ ଦେଖାଇଥିଲେ।

### ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରସ୍ତୁତି

**ପାଇକମାଳ,୧୯।୬ (ଡି.ଏନ.ଏ.)**

ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ଧର୍ମଶାଳାଠାରେ ଆସନ୍ତା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପାଇଁ ଜଗମୋହନ ତ୍ରିବେଦୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ତ ସରାଫ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନୃସିଂହନାଥ ଧର୍ମଶାଳା ପରିସରରେ ଆସନ୍ତା ୨୧ ତାରିଖରେ ଯୋଗ ଦିବସ ପାଳନ ପାଇଁ ସ୍ଥିର କରାଯାଇଥିଲା।

# ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା, ୧୮ ଆହତ

**ବରପାଲି,୧୯।୬(ଡି.ଏନ.ଏ)**

ବରଗଡ଼-ବଲାଙ୍ଗୀର ରାସ୍ତାର ବରପାଲିସ୍ଥିତ ମେହେର କବିପଡ଼ା ନିକଟରେ ରବିବାର ଭୋର୍ ୫ଟାରେ ଏକ ଦୁର୍ଘଟଣା ଘଟିଛି। ଏକ ସରକାରୀ ଯାତ୍ରୀବାହୀ ବସ୍ (ନଂ.ଓଡ଼ି୧୭ଇ/୩୦୮୨) ଏବଂ ସିମେଣ୍ଟ ବୋଝେଇ ଟ୍ରକ୍ (ନଂ.ଓଆର୧୭ଇ/୨୧୩୩) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୧୮ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଗୁରୁତରଙ୍କୁ ବରପାଲି ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ସରକାରୀ ଯାତ୍ରୀବାହୀ ବସ୍‌ଟି ମାଲକାନଗିରିରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲା। ସେହିପରି ସିମେଣ୍ଟ ବୋଝେଇ ଟ୍ରକ୍‌ଟି ବରଗଡ଼ରୁ ଫଟାମୁଣ୍ଡାକୁ ଯାଉଥିଲା। ବରପାଲି ମେହେର କବିପଡ଼ା ନିକଟରେ ବସ୍-ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଯୋଗୁ ବସ୍‌ଟି ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା ଏବଂ ତାହା ଭାଙ୍ଗିଯିବାରୁ ବିଦ୍ୟୁତ୍ ସରବରାହ ମଧ୍ୟ ବ୍ୟାହତ ହୋଇ ପଡ଼ିଥିଲା। ଘଟଣାସ୍ଥଳକୁ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲା। ସେହିପରି ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ବରପାଲି ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହୀର ବରପାଲି ଡାକ୍ତରଖାନାକୁ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ବସ୍, ଟ୍ରକ୍‌କୁ ଜବତ କରି ଅଧିକ ତଦନ୍ତ କରୁଛି।


ଯାତ୍ରୀବାହୀ ସରକାରୀ ବସ୍, ଟ୍ରକ ମୁହାଁମୁହିଁ ଧକ୍କା।

# ବନ୍ୟାର ସଫଳ ମୁକାବିଲା ପାଇଁ ୬ ସ୍ଥାନରେ ମକ୍‌ଡ୍ରିଲ

**ସୋନପୁର, ୧୯।୬(ନି. ପ୍ର .)**

ସମ୍ଭାବ୍ୟ ବନ୍ୟାର ସଫଳ ଓ ତ୍ୱରିତ ମୁକାବିଲା ନିମନ୍ତେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ତରଫରୁ ବିଭିନ୍ନ ସ୍ଥାନରେ ଥିବା ୬ ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଠାରେ ସାମୁହିକ ଅଭ୍ୟାସ ବା ମକ୍‌ଡ୍ରିଲ ରବିବାର ଅନୁଷ୍ଠିତ କରାଯାଇଛି । ଏହି ଅବସରରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଭ୍ୟାସଭ୍ୟ, ସମ୍ପୃକ୍ତ ଅଞ୍ଚଳର ବାସିନ୍ଦା, ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି କର୍ମକର୍ତ୍ତାଙ୍କୁ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତ୍ତୀ ସମୟରେ ବିଭିନ୍ନ କାର୍ଯ୍ୟକୁ କିପରି ସଠିକ ଭାବେ ସମ୍ପାଦନ କରିବେ ସେ ସମ୍ପର୍କରେ ସଚେତନ କରା ଯାଇଥିଲା। ଲୋକଙ୍କ ଧନ ଜୀବନର ସୁରକ୍ଷା ସହିତ ଉଦ୍ଧାର କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସୋନପୁର ପାନ୍ଥନିବାସଠାରେ ଥିବା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ, ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ପଛପାର୍ଶ୍ୱ ବହୁମୁଖୀ ଆଶ୍ରୟ ସ୍ଥଳି, ପିଡି ଡିଆରଡିଏ ନିହାର ରଞ୍ଜନ କହଁର ସିଦ୍ଧାର୍ଥ କଲେଜ ବିନିକା ଠାରେ, ସୋନପୁର ଉପଜିଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଡୁଙ୍ଗୁରିପାଲି ବ୍ଲକର ଦିଗଶିରା ଠାରେ, ବୀରମହାରାଜପୁର ଉପଜିଲାପାଳ ଅଶୋକ ଭୋଇ ସୁବଳୟାର ଟିକିରାପଡାଠାରେ, ଜିଲା ଜରୁରୀ ଶାଖା ଅଧିକାରୀ ପ୍ରାୟସୀ ପ୍ରଧାନ ଉଲୁଣ୍ଡା ବ୍ଲକର ମୁଣ୍ଡୋଘାଟଠାରେ ଅନୁଷ୍ଠିତ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ମୁଣ୍ଡୋଘାଟ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀଠାରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ ଓ ଅନ୍ୟ ପାଞ୍ଚ ଗୋଟି ବନ୍ୟା ଆଶ୍ରୟସ୍ଥଳୀରେ ଜିଲା ଅଗ୍ନିଶମ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ମକ୍‌ଡ୍ରିଲ ପ୍ରଦର୍ଶନ କରିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍ଧାର କରିବାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ସୋନପୁର ପାନ୍ଥନିବାସ ସ୍ଥିତ ବନ୍ୟା ଆଶ୍ରୟ ସ୍ଥଳୀଠାରେ ଅନୁଷ୍ଠିତ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଜିଲା ରେଡ଼କ୍ରସ ସଂସ୍ଥା ଉପାଧକ୍ଷ ସତ୍ୟନାରାୟଣ ହୋତା, ଯୁବ ରେଡ଼କ୍ରସ ଜିଲା ସଂଯୋଜକ ଅଧ୍ୟାପକ ଉମାକାନ୍ତ ନାଗ ଯୋଗଦାନ କରି ପ୍ରାଥମିକ ଚିକିତ୍ସା କୌଶଳ ପ୍ରଦର୍ଶନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟଂଶୁ ରୁଟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ,ଜିଲା ଜରୁରୀ ଶାଖା ର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦାନ କରିଥିଲେ।



ସୋନପୁର ପାନ୍ଥନିବାସ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲରେ ମଞ୍ଚାସୀନ ଅଧିକାରୀ ଓ ସ୍ୱେଚ୍ଛାସେବୀ।

